ଧରିତ୍ରୀ DHARITRI
April 21-27, 2024 ₹ 2/-
ଧରିତ୍ରୀ DHARITRI 50 Years

ଛୁଟିଦିନ



ପ୍ରଚ୍ଛଦ ପ୍ରସଙ୍ଗ

୩

# ପୋଖରୀ ଭରସା

କେଉଁଠି ପାନୀୟ ଜଳର ସୁବିଧା ନାହିଁ ତ, ପୁଣି କେଉଁଠି ପାନୀୟ ଜଳ ପାଇଁ ସବୁ ପ୍ରକାରର ବ୍ୟବସ୍ଥା ରହିଛି। ତଥାପି ବି ସେଠାକାର ଲୋକେ ଆଜି ମଧ୍ୟ ପୋଖରୀ ପାଣିକୁ ପାନୀୟ ଜଳ ଭାବେ ବ୍ୟବହାର କରୁଛନ୍ତି।

# ବାସ୍ତୁ ଅନୁଯାୟୀ ମୁଖ୍ୟ ପ୍ରବେଶ ଦ୍ୱାର

**ଘରର ଭିତର ପାର୍ଶ୍ୱ କେତେ ସୁନ୍ଦର ଓ ସୁବ୍ୟବସ୍ଥିତ; ତାହାର ଅନୁମାନ ଘରର ମୁଖ୍ୟ ପ୍ରବେଶ ଦ୍ୱାରକୁ ଦେଖିଲେ ହିଁ ଜଣାପଡିଯାଏ। ତେଣୁ ଘରର ମୁଖ୍ୟ ପ୍ରବେଶ ଦ୍ୱାରକୁ ସର୍ବଦା ସଫାସୁତୁରା ରଖିବା ଜରୁରୀ। କାରଣ ଏହା ହେଉଛି ଘର ପାଇଁ ଖୁସିର ଦ୍ୱାର। ତେଣୁ ଜାଣନ୍ତୁ ବାସ୍ତୁଶାସ୍ତ୍ର ଅନୁଯାୟୀ ଘରର ମୁଖ୍ୟ ପ୍ରବେଶ ଦ୍ୱାର କିପରି ହେବା ଦରକାର ...**



* ଘରର ମୁଖ୍ୟ ପ୍ରବେଶ ଦ୍ୱାରରେ ଲାଗିଥିବା କବାଟ ଘରର ଅନ୍ୟ କବାଟ ତୁଳନାରେ ଟିକେ ବଡ଼ ହେବା ଦରକାର; ଯଦ୍ଦ୍ୱାରା ଏହା ମଧ୍ୟ ଦେଇ ଘର ମଧ୍ୟକୁ ଭରପୁର ଆଲୋକ ଆସିପାରୁଥିବ।
* ମୁଖ୍ୟ ପ୍ରବେଶ ଦ୍ୱାରରେ ସ୍ୱସ୍ତିକ ହେଉ ଅବା ଓମ୍ କିମ୍ବା କଳସ ଭଳି ଯେ କୌଣସି ମାଙ୍ଗଳିକ ଚିହ୍ନ କରିବା ଘର ପାଇଁ ଶୁଭ ହୋଇଥାଏ।
* ଘରର ମୁଖ୍ୟ ପ୍ରବେଶ ଦ୍ୱାର ଉପରେ ପଞ୍ଚମୁଖୀ ହନୁମାନଙ୍କର ଫଟୋ ଲଗାଇଲେ ଗୃହ ପ୍ରତି ଶୁଭ ହୋଇଥାଏ।
* ସେହିପରି ମୁଖ୍ୟ ପ୍ରବେଶ ଦ୍ୱାରର ଠିକ୍ ସମ୍ମୁଖରେ ଘରର ଅନ୍ୟ କୌଣସି କବାଟ ରହିବା ଆଦୌ ଠିକ୍ ନୁହେଁ।
* ମୁଖ୍ୟ ପ୍ରବେଶ ଦ୍ୱାର ନିକଟରେ ଅଣ୍ଡରଗ୍ରାଉଣ୍ଡ ଟାଙ୍କି ରହିବା ମଧ୍ୟ ଘର ପାଇଁ ଶୁଭଙ୍କର ହୋଇ ନଥାଏ।
* ମୁଖ୍ୟ ପ୍ରବେଶ ଦ୍ୱାରରେ ଧୂଳି ଜମିବା ଠିକ୍ ନୁହେଁ। ଏହାକୁ ଖୋଲିବା କିମ୍ବା ବନ୍ଦ କରିବା ସମୟରେ ଏଥିରୁ କର୍କଶ ଶବ୍ଦ ବାହାରିବା ମଧ୍ୟ ବାସ୍ତୁ ଅନୁଯାୟୀ ଭଲ ନୁହେଁ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଏପ୍ରିଲ ୨୧-୨୭

### ମେଷ


ଶାରୀରିକ ସୁସ୍ଥତା, ବନ୍ଧୁମାନଙ୍କ ସହ ଭ୍ରମଣ, ବ୍ୟୟ ବୃଦ୍ଧିର ଅନୁଚିନ୍ତା, ଗୁରୁଜନଙ୍କ ସାନ୍ତ୍ୱନା, ଆଶ୍ୱସ୍ତି ଲାଭ କରିବେ, ବୁଝାମଣାରେ ବ୍ୟତିକ୍ରମ, ନୂତନ କର୍ମାରମ୍ଭ, କୃତକାର୍ଯ୍ୟ ହେବେ, ଦୁଃସାହସିକ ପଦକ୍ଷେପ, ଉଚ୍ଚସମ୍ମାନ ପାଇବେ, ପ୍ରଶାସନିକ ତତ୍ପରତା ॥

### ବୃଷ

ନୂତନ କର୍ମସଂସ୍ଥାନ, ମୂଲ୍ୟବାନ ଦ୍ରବ୍ୟ ପାଇବେ, ପାରିବାରିକ ମତାନ୍ତର, ବ୍ୟସ୍ତତା ବୃଦ୍ଧିପାଇବ, ଅପରିଚିତଙ୍କ ସହ କଳହ, ସହଯୋଗ ମିଳିବନି, ଅଧ୍ୟାପନାରେ ଉନ୍ନତି, ନୂତନ କାର୍ଯ୍ୟାରମ୍ଭ, ବ୍ୟବସାୟିକ ସଫଳତା ॥


### ମିଥୁନ

ଦୂରଯାତ୍ରା କରିପାରନ୍ତି, ସ୍ଥଗିତ କାମ ଧିମେଇଯିବ, ସହାୟତା ପାଇବେ, ଆଶଙ୍କାଗ୍ରସ୍ତ ହେବେ, କାର୍ଯ୍ୟ ସମ୍ପୂର୍ଣ୍ଣ ହେବ, ଅର୍ଥଲାଭ ଅବଶ୍ୟମ୍ଭାବୀ, ଅନ୍ୟମନସ୍କ ରହିପାରନ୍ତି, ଶତ୍ରୁକୃତ ସମସ୍ୟା ॥

### କର୍କଟ

ମାନସିକ ଅସ୍ଥିରତା, ବୃଥାଚିନ୍ତା କରିବେ, ମନ ଭାରାକ୍ରାନ୍ତ ରହିବ, ଅତୀତ ଘଟଣାର ସମୀକ୍ଷା, ବନ୍ଧୁଙ୍କ ଅନୁରକ୍ତି, ଖର୍ଚ୍ଚଭାର ବୃଦ୍ଧି ପାଇବ, ପରିବାରରେ ମତଭେଦ, ଦୂର ସ୍ଥାନକୁ ଯାତ୍ରା, ନିର୍ମାଣଧୀନ କାମରେ ଦ୍ୱନ୍ଦ୍ୱ ॥

### ସିଂହ

ସ୍ୱାସ୍ଥ୍ୟସମସ୍ୟାରୁ ବ୍ୟସ୍ତତା, ନୀରବତା ଅବଲମ୍ବନ କରିବେ, ଲକ୍ଷ୍ୟପୂରଣ ହେବ, ସୌଖୀନ ଦ୍ରବ୍ୟ କ୍ରୟ, ଅନ୍ୟାୟ ବିରୋଧରେ ସ୍ୱରୋତ୍ତଳନ, ମାନସିକ କଷ୍ଟ ଭୋଗିବେ, ମାମଲାରେ ବାଇଦା, ଆନୁଷ୍ଠାନିକ କାର୍ଯ୍ୟାରମ୍ଭ, ଆର୍ଥିକ ଅନଟନ ॥


### କନ୍ୟା

ପରିବାରରୁ ସହଯୋଗ ମିଳିବ, ବନ୍ଧୁଙ୍କୁ ଭେଟିପାରନ୍ତି, ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ, ପକେଟ୍‌ମାର ହୋଇପାରେ, ପରକଥା ଶୁଣି ବିବ୍ରତ, ସ୍ୱାସ୍ଥ୍ୟରେ ଉନ୍ନତି ଘଟିବ, ସ୍ଥିତି ଦୃଢ ହେବ, ଆବଦ୍ଧଯୋଗରୁ ମୁକ୍ତ ହେବେ, ଶିଳ୍ପବାଣିଜ୍ୟରେ ଉନ୍ନତି, ସାଂସ୍କୃତିକ କାର୍ଯ୍ୟାରମ୍ଭ ॥

### ତୁଳା

ବନ୍ଧୁସମ୍ପର୍କରେ ଉନ୍ନତି, ଭାଇଙ୍କ କାର୍ଯ୍ୟରେ ଅସନ୍ତୁଷ୍ଟ, ପୈତୃକ ସମ୍ପତ୍ତିରେ ବିବାଦ, କ୍ଳାନ୍ତି ଅବସାଦ ବଢ଼ିବ, ପାରିବାରିକ ମନାନ୍ତର, ବନ୍ଧୁଙ୍କ ସାହାଯ୍ୟ, ତିକ୍ତତାର ପରିସମାପ୍ତି, ଅତିଥି ଚର୍ଚ୍ଚାରୁ ଆନନ୍ଦ, ଅନ୍ୟମନସ୍କ ରହିପାରନ୍ତି, କାର୍ଯ୍ୟରେ ଅବହେଳା ॥

### ବିଛା

ବନ୍ଧୁଙ୍କ ସ୍ୱାର୍ଥପରତା, ଭାଗବଣ୍ଟାରେ ଟଣାଓଟରା, ସହକର୍ମୀଙ୍କ କଥାରେ ଫଶିଯିବେ, ସମାଲୋଚିତ ହୋଇପାରନ୍ତି, ରାଜନୈତିକ ନେତୃତ୍ୱରୁ ପ୍ରଶଂସା, ବ୍ୟବସାୟରେ ସଫଳତା, ନୂତନ ବନ୍ଧୁପ୍ରସ୍ତାବ ଆସିବ, ବିଦେଶଯାତ୍ରାର ସୁଯୋଗ ॥

### ଧନୁ

ଦୃଢ ପଦକ୍ଷେପ ନେବେ, ସମସ୍ୟା ସୁଧୁରିଯିବ, ବ୍ୟବସାୟରେ ଉନ୍ନତି, ପରିବହନରେ ବିବାଦ, ଶତ୍ରୁତାର ସାମନା କରିବେ, ମନରେ ସରସତା ରହିବନି, ଲେଖାପଢାରେ କୁଶଳ, ବାଣିଜ୍ୟରେ ଅଭିବୃଦ୍ଧି, ମନରେ ବିରକ୍ତି ଆସିବ ॥

### ମକର

ପାରିବାରିକ ସମସ୍ୟା, ପ୍ରିୟଜନଙ୍କ ପରାମର୍ଶ, ସମସ୍ୟା ସମାଧାନ, କର୍ମକ୍ଷେତ୍ରରେ ବିବାଦ, ମିଥ୍ୟା ଅଭିଯୋଗ, ଦୁର୍ବଳ ମାନସିକତା, ପଡୋଶୀଙ୍କ ପ୍ରେରଣା, ଜମି ମକଦ୍ଦମାରେ ବିଜୟ, ଋଣଗ୍ରସ୍ତ ହେବେ, ମାନସିକ ଦୁଃଶ୍ଚିନ୍ତା, ଲୋକସମ୍ପର୍କ ବଢ଼ିବ, ଅନ୍ୟମନସ୍କ ରହିପାରନ୍ତି ॥

### କୁମ୍ଭ

ଭାବପ୍ରବଣତା ବୃଦ୍ଧି, ଆର୍ଥିକ ଉନ୍ନତି, ଭ୍ରାତୃ ସମ୍ପର୍କ ବଢିବ, ଭୁଲ୍ ବୁଝାମଣା ଦୂର ହେବ, ସହକର୍ମୀଙ୍କ ଅସହଯୋଗ, ବନ୍ଧୁଙ୍କୁ ସାହାଯ୍ୟ ମାଗିବେ, ପରିସ୍ଥିତିର ମୁକାବିଲା କରିବେ, ଠକାମିରେ ପଡିପାରନ୍ତି, ବାଣିଜ୍ୟ ବ୍ୟବସାୟରେ ଉନ୍ନତି ॥

### ମୀନ

ନୂତନ କର୍ମାରମ୍ଭ, ସାହାଯ୍ୟ ସହଯୋଗପ୍ରାପ୍ତି, ବନ୍ଧୁଙ୍କ ମିଥ୍ୟା ପ୍ରତିଶୃତି, ରାଜନୀତିରେ ନେତୃତ୍ୱ, ଚେଷ୍ଟା ସଫଳ ହେବ, ସନ୍ତାନହେତୁକ ଗୌରବ, ବିବାଦଗ୍ରସ୍ତ ହୋଇପାରନ୍ତି, ଖର୍ଚ୍ଚଭାର ବଢ଼ିବ, ସଙ୍ଗଦୋଷରୁ ସମାଲୋଚନା, ପାରିବାରିକ ଅସ୍ଥିରତା, ଅବହେଳାରୁ ଅନୁତାପ ॥

# ସୁରେଇ ବି ଆଣିପାରେ ସୌଭାଗ୍ୟ

ଖରାଦିନେ ମାଠିଆ ହେଉ ଅଥବା ସୁରେଇର ପାଣି ପିଇବାକୁ ଯେମିତି ଥଣ୍ଡା ଲାଗେ ସେମିତି ସ୍ୱାସ୍ଥ୍ୟପ୍ରଦ ବି ହୋଇଥାଏ। ସେଥିପାଇଁ ପୂର୍ବେ ଘରେ ଘରେ ମାଠିଆ, ସୁରେଇ ନିହାତି ଦେଖିବାକୁ ମିଳୁଥିଲା। କ୍ରମେ ଯେତେବେଳେ ଫ୍ରିଜ୍‌ର ଚାହିଦା ବଢିଲା ଲୋକେ ମାଠିଆ, ସୁରେଇକୁ ଭୁଲି ଫ୍ରିଜ୍‌ର ଥଣ୍ଡା ପାଣି ପିଇବାକୁ ଲାଗିଲେ। କିନ୍ତୁ ଫ୍ରିଜ୍‌ରେ ରଖାଯାଉଥିବା ପାଣି ଇଲେକ୍ଟ୍ରିସିଟି ସହାୟତାରେ ଥଣ୍ଡା ହେଉଥିବାରୁ ଏହି ପାଣିକୁ ପିଇବା ଶରୀର ପକ୍ଷେ ସେତେ ହିତକର ନୁହେଁ। ଏହାଦ୍ୱାରା ଥଣ୍ଡା, କାଶ ତଥା ତଣ୍ଟି ଦରଜ ଭଳି ସମସ୍ୟା ବି ହୁଏ। କିନ୍ତୁ ଅନ୍ୟପକ୍ଷେ ମାଟିରେ ତିଆରି ମାଠିଆ, ସୁରେଇରେ ରଖାଯାଉଥିବା ପାଣି ପ୍ରାକୃତିକ ଉପାୟରେ ଥଣ୍ଡା ରହୁଥିବାରୁ; ଏହାକୁ ପିଇଲେ ଶରୀରରେ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ହେବା ସହ ନାନାଦି ରୋଗ ସହ ଲଢିବାକୁ ଆମକୁ ଶକ୍ତି ମିଳେ। ତେଣୁ ସ୍ୱାସ୍ଥ୍ୟ ସଚେତନ ଲୋକ ପୁଣି ମାଠିଆ, ସୁରେଇକୁ ପସନ୍ଦ କରିବାକୁ ଲାଗିଲେଣି। ତେବେ ଜାଣନ୍ତି କି ମାଟିର ଏହି ଜଳପାତ୍ର କେବଳ ସ୍ୱାସ୍ଥ୍ୟୋପଯୋଗୀ ନୁହେଁ ଏହା ସୌଭାଗ୍ୟକୁ ବି ଡାକି ଆଣେ। ବାସ୍ତୁଶାସ୍ତ୍ର କହେ, ପାଣି ପିଅନ୍ତୁ କି ନ ପିଅନ୍ତୁ ଘରେ ମାଠିଆ/ସୁରେଇ ହେଉ କି ଯେକୌଣସି ଗୋଟିଏ ମାଟିର ଜଳପାତ୍ର ରଖିବା ନିହାତି ଜରୁରୀ ଆଉ ତାହା ଜଳପୂର୍ଣ୍ଣ ହୋଇଥିବା ଆବଶ୍ୟକ। ଏପରି କଲେ ଘରେ ଧନବୃଦ୍ଧି ହୋଇଥାଏ ବୋଲି ବିଶ୍ୱାସ ରହିଛି। ସେହିପରି ବାସ୍ତୁଶାସ୍ତ୍ର ଅନୁଯାୟୀ, ଉତ୍ତର ଦିଗରେ ଜଳପାତ୍ର ରଖିବା ଶୁଭ ହୋଇଥାଏ; ତେଣୁ ଏହି ଦିଗରେ ସୁରେଇ, ମାଠିଆ ଭଳି ଜଳପାତ୍ର ରଖିଲେ ପ୍ରଭୁଙ୍କର ଆଶୀର୍ବାଦ ମିଳିବା ସହ ଘରେ କେବେ ବି ଧନର ଅଭାବ ଦେଖାଯାଏ ନାହିଁ ବୋଲି ମାନ୍ୟତା ଅଛି।



# ପାଠକୀୟ

* ମଣିଷ ମୃତ୍ୟୁ ସହ ଯୁଝୁଥିବା ସମୟରେ ଯିଏ ତାଙ୍କୁ ମୃତ୍ୟୁ ମୁହଁରୁ ଟାଣି ଆଣିବାରେ ସକ୍ଷମ ହୋଇଥାନ୍ତି ସେ ହେଉଛନ୍ତି ଡାକ୍ତର। ସେଥିପାଇଁ ତ କଥାରେ କୁହାଯାଏ, ଡାକ୍ତର ହେଉଛନ୍ତି ଦ୍ୱିତୀୟ ଈଶ୍ୱର। ତେଣୁ ଏଭଳି ଏକ ଉପାଦେୟ ବିଷୟକୁ ନେଇ ସ୍ୱତନ୍ତ୍ର ଭାବେ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗଟି ସତରେ ବେଶ୍ ମନଛୁଆଁ ହୋଇଥିଲା। 'ଉତ୍ତର ଦିଗର ବାସ୍ତୁ ମହତ୍ତ୍ୱ', 'ସ୍ୱାସ୍ଥ୍ୟପ୍ରଦ ଅଙ୍ଗୁର' ଶୀର୍ଷକ ପାଠଦୁଇଟିରୁ ବହୁ ଅଜଣା କଥା ଜାଣିହେଲା।

*– ରଶ୍ମୀପ୍ରଭା ଦାଶ, ଲିଙ୍ଗିପୁର, ଭୁବନେଶ୍ୱର*

* ଏଥରର ଛୁଟିଦିନରେ ପ୍ରକାଶ ପାଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ଦ୍ୱିତୀୟ ଈଶ୍ୱର' ଶୀର୍ଷକ ଆଲେଖ୍ୟଟି ବେଶ୍ ହୃଦୟସ୍ପର୍ଶୀ ଥିଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ ଶିକ୍ଷାବିତ୍ ତଥା ସାହିତ୍ୟିକ ଡକ୍ଟର ଶରଚ୍ଚନ୍ଦ୍ର ମହାପାତ୍ରଙ୍କ ଜୀବନୀ ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ସଣ୍ଢଣା' ଶୀର୍ଷକ ଗପଟି ବେଶ୍ ମନଛୁଆଁ ହୋଇଥିଲା।

*– ତପସ୍ୱିନୀ ସାହୁ, ବାଙ୍ଗାଲୋର*

* ସିନେମା ପୃଷ୍ଠାରେ ସ୍ଥାନିତ କିଆରା ଆଡଭାନିଙ୍କ ଫଟୋଟି ଖୁବ୍ ସୁନ୍ଦର ଦେଖାଯାଉଥିଲା। ସେହିପରି 'ତ୍ରିପ୍ତିଙ୍କ ଖୁସି', 'ଚିନ୍ତା କରୁଛନ୍ତି ପରିଣିତୀ', 'କଟ୍-ଓକେ କହିବେ ଆର୍ଯ୍ୟନ' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ବେଶ୍ ମନଛୁଆଁ ଥିଲା। କବି ତଥା ଶିକ୍ଷାବିତ୍ ଗୋପୀନାଥ ଦାଶଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ଖୁବ୍ ପ୍ରେରଣାଦାୟୀ ହୋଇଥିଲା।

*– ସଞ୍ଜୁସ୍ମିତା ଷଡଙ୍ଗୀ, ରାଉରକେଲା*

* 'ହରିରାଜପୁର ଦୋଳ ମେଳଣ' ଶୀର୍ଷକ ପାଠଟି ବେଶ୍ ତଥ୍ୟପୂର୍ଣ୍ଣ ଥିଲା। ମଡେଲ୍ ମିରର୍‌ରେ ଅଙ୍କିତା ଖୁବ୍ ସୁନ୍ଦରୀ ଲାଗୁଥିଲେ। ସହରଠୁ ଦୂର ପୃଷ୍ଠାରୁ 'ମହାରାଷ୍ଟ୍ରର କେତେକ ପ୍ରସିଦ୍ଧ ଦୁର୍ଗ' ସମ୍ପର୍କରେ ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ବିବିଧା ପୃଷ୍ଠାରୁ 'ପଟାଟୋ ଚିପ୍ସର ଇତିହାସ' ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା।

*– ମହେଶ ପ୍ରଧାନ, ସମ୍ବଲପୁର*

* 'ଡରିବେ ଏହି ଆଇସ୍କ୍ରିମ ଖାଇବାକୁ', 'ବାଉଁଶରେ କୀଟପତଙ୍ଗ', 'ରଙ୍ଗ ବଦଳୁଥିବା ହେୟାର କଲର୍', 'ଦେଖି ନଥିବେ ଏମିତି ବାଇକ୍' ଆଦି ପାଠଗୁଡ଼ିକ ଯେତିକି ଆଶ୍ଚର୍ଯ୍ୟକର ଥିଲା ସେତିକି ତଥ୍ୟପୂର୍ଣ୍ଣ ବି ହୋଇଥିଲା। ବ୍ୟଙ୍ଗ ପୃଷ୍ଠାରେ ସ୍ଥାନିତ 'ନିଶ' ଶୀର୍ଷକ ଆଲେଖ୍ୟଟି ବେଶ୍ ମଜାଦାର୍ ହେବା ସହ ଶିକ୍ଷଣୀୟ ବି ହୋଇଥିଲା।

*– ସ୍ୱରାଜ ବାରିକ୍, କୋରାପୁଟ*

* ଛୁଟିଦିନର ମୁଁ ଜଣେ ବିଦଗ୍ଧ ପାଠକ। ଏହାର ପ୍ରତି ପୃଷ୍ଠା ପଢିବାକୁ ଭାରୀ ନିଆରା ଲାଗେ। ସେଥିପାଇଁ ପ୍ରତି ରବିବାରକୁ ଥାଏ ମୋର ଅପେକ୍ଷା। ଖାସ୍ କରି ସିନେମା ପାଠ ଓ ସାଥୀର ଉତ୍ତର ପଢିବା ମୋର ଖୁବ୍ ପ୍ରିୟ।

*– ମମତା ମହାନ୍ତି, ପେଣ୍ଠକେଣ୍ଟା, ପୁରୀ*

## ବିଶେଷ ଚିଠି



ଦ୍ୱିତୀୟ ଈଶ୍ୱରକୁ ନେଇ
ଥିଲା ଏଥରର ପ୍ରଚ୍ଛଦ ପ୍ରସଙ୍ଗ,
ଶିଖାଇଲା ଅନେକ କଥା
ଦେଲା ଡାକ୍ତରଙ୍କ ନୂଆ ସମ୍ବାଦ।
ସାଥୀର ଉତ୍ତର ବି
ଲାଗୁଥିଲା ଭାରୀ ବଢିଆ,
ସହର ପୃଷ୍ଠାରୁ ପଢି ଜାଣିଲି
ଅଛି ଯେତେ ନୂଆ ଦୁନିଆ।
ସତରେ ଛୁଟିଦିନ ତୁମ ଜବାବ ନାହିଁ
ଯେତେ ଦେଖିଲେ ତୁମେ ନୂଆ ଦିଶୁଥାଇ।

*–ଜିତେନ୍ଦ୍ର ମହାନ୍ତି, ଭଦ୍ରକ*

ଧରିତ୍ରୀ ଛୁଟିଦିନ

ସମ୍ପାଦକ: ତଥାଗତ ସତପଥୀ

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

ଗାଁ ହେଉ କି ସହର, ବିଶେଷକରି ଗ୍ରୀଷ୍ମଋତୁରେ ପ୍ରବଳଖରା ଯୋଗୁ ବିଭିନ୍ନ ଜଳଉସ୍ତ ଗୁଡ଼ିକ ଶୁଷ୍କ ହୋଇଯାଏ। ଚାରିଆଡ଼େ ଜଳସଙ୍କଟ ଦେଖାଦେଇଥାଏ। ଜଳସଂରକ୍ଷଣ ଓ ତା'ର ସୁପରିଚାଳନାକୁ ନେଇ ବହୁମୁଖୀ ଯୋଜନା ରହିଛି। ବିଭିନ୍ନ ଅଞ୍ଚଳରେ ପାନୀୟ ଜଳ ଯୋଗାଣ ପାଇଁ ବ୍ୟବସ୍ଥା ବି ହୋଇଛି। କିନ୍ତୁ ସବୁ ଜାଗାରେ ଏହାର ସୁଫଳ ପହଞ୍ଚିପାରିନି। ଏମିତି ବି କେତେକ ଜାଗା ଅଛି ଯେଉଁଠି ପାନୀୟ ଜଳର ଅନ୍ୟାନ୍ୟ ଜଳର ସୁବିଧା ଥିଲେ ବି ଲୋକ ମଧୁର ପାନୀୟ ଜଳ ହିସାବରେ ପୋଖରୀର ପାଣିକୁ ବ୍ୟବହାର କରୁଛନ୍ତି। ସେମିତି କେତେକ ଅଞ୍ଚଳର ପୋଖରୀ ସମ୍ପର୍କରେ......



# ପୋଖରୀ ଭରସା

ପ୍ରାଚୀନ କାଳରେ ରାଜା ମହାରାଜା, ବଦାନ୍ୟବ୍ୟକ୍ତି ଏବଂ ଗ୍ରାମବାସୀଙ୍କ ଉଦ୍ୟମରେ ବିଭିନ୍ନ ଅଞ୍ଚଳରେ ପୋଖରୀ ଓ କୂପ ଖନନ କରାଯାଉଥିଲା। ଏବଂ ଏହି ଜଳକୁ ପାନୀୟ ଜଳ ରୂପେ ବ୍ୟବହାର କରାଯାଉଥିଲା। କିନ୍ତୁ ଆଜିକାଲି ପାନୀୟ ଜଳ ପାଇଁ ବିଭିନ୍ନ ପ୍ରକାରର ସୁବିଧା ଉପଲବ୍ଧ ରହିଛି। ତଥାପି ବି କିଛି ଅଞ୍ଚଳରେ ଲୋକମାନେ ସେହି ପୋଖରୀ ପାଣିକୁ ରୋଷେଇବାସ ସହ ପାନୀୟ ଜଳଭାବେ ବ୍ୟବହାର କରୁଛନ୍ତି।ଏଠାରେ ବି ପାନୀୟ ଜଳର ଅନ୍ୟାନ୍ୟ ସୁବିଧା ରହିଛି କିନ୍ତୁ ସେମାନେ ଏବେବି ପୋଖରୀକୁ ପରିଷ୍କାର ପରିଚ୍ଛନ୍ନ ରଖି ସେହି ପାଣିକୁ ବ୍ୟବହାର କରୁଛନ୍ତି।


**ଶ୍ରୀନୀଳକଣ୍ଠଙ୍କ ପୋଖରୀ :** ପୁରୀ ଜିଲାର ପୁରୀ ସଦର ବ୍ଲକ ଅନ୍ତର୍ଗତ ବୀରନରସିଂହପୁର ଶାସନ, ଗ୍ରାମର ଆରମ୍ଭରୁ ରହିଛି ଗ୍ରାମବାସୀଙ୍କ ଆରାଧ୍ୟ ଠାକୁର ଶ୍ରୀ ନୀଳକଣ୍ଠ ମହାଦେବ ମନ୍ଦିର। ଏହି ମନ୍ଦିର ସଂଲଗ୍ନ ବୀରନରସିଂହପୁର ମୌଜାରେ ଅବସ୍ଥିତ ପ୍ରାୟ ୩ ଏକର ୫୦ ଡିସିମିଲ ଅଞ୍ଚଳବ୍ୟାପୀ ରହିଛି ଏକ ପୁରୁଣା ପୋଖରୀ। ଏହି ପୋଖରୀଟି ଶ୍ରୀନୀଳକଣ୍ଠଙ୍କ ପୋଖରୀ ନାମରେ ନାମିତ ହୋଇଛି, ଯାହା ପୁରୀ ଶରଣକୁଳ ନୂଆ ଜଗନ୍ନାଥ ସଡ଼କକୁ ଲାଗି ରହିଛି। ପୋଖରୀକୁ ଉତ୍କଳର ଗଜପତି ରାଜା ୧୨୦୦ ମସିହାରେ ଏଠାରେ ଗ୍ରାମ ସ୍ଥାପନା କରିବା ସମୟରେ ଖୋଳାଇଥିଲେ। ସେବେଠାରୁ ଠାକୁରଙ୍କ ଦୈନନ୍ଦିନ ଦେବନୀତି ସହ, ଗ୍ରାମବାସୀଙ୍କଠାରୁ ବାଟୋଇଙ୍କ ତୃଷା ମେଣ୍ଟାଇ ଆସୁଛି। ଏହାଛଡ଼ା ବୀରନରସିଂହପୁରରେ ପ୍ରଥମେ ପାଇପ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଆରମ୍ଭ ହୋଇଥିଲେ ମଧ୍ୟ ପୋଖରୀ ପାଣିକୁ ଏବେ ବି ଗ୍ରାମବାସୀମାନେ ବ୍ୟବହାର କରୁଛନ୍ତି। ଏହାର ପାଣି ଅତ୍ୟନ୍ତ ସ୍ୱଚ୍ଛ, ନିର୍ମଳ ଓ ମଧୁର ହୋଇଥିବାରୁ ରୋଷେଇ ପାଇଁ ବିଶେଷ କରି ଭାତ ରାନ୍ଧିବା, ପଖାଳ କରିବା, ଡାଲି କରିବା ଓ ଖିରି ଆଦି ପାଇଁ ଏହି ପୋଖରୀଜଳକୁ ଲୋକ ବ୍ୟବହାର କରିଥାନ୍ତି। ଏହି ଅଞ୍ଚଳର କେତେକ ସ୍ଥାନରେ ଭୂତଳ ଜଳ ବା ନଳକୂପ ଜଳ ଅଧିକ ଲବଣାକ୍ତ ହୋଇଥିବାରୁ ଗାଁ ପୋଖରୀ ପାଣି ସବୁଥିପାଇଁ ଉପାଦେୟ। ପୋଖରୀ ହୁଡ଼ାରେ ଅବସ୍ଥିତ ଗ୍ରାମ ବିଦ୍ୟାଳୟ, ସେବାୟତ ସାହି ଲୋକମାନେ ଏହି ପୋଖରୀ ଉପରେ ନିର୍ଭର କରନ୍ତି। ଠାକୁରଙ୍କ ପୋଖରୀକୁ ପବିତ୍ର ଓ ପରିଷ୍କାର ରଖିବା ପାଇଁ ସମସ୍ତଙ୍କର ତତ୍ପରତା ପ୍ରକାଶ ପାଇଥାଏ। କିଛିବର୍ଷ ଅନ୍ତରରେ ମଝିରେ ମଝିରେ ପୋଖରୀରୁ ପଙ୍କୋଦ୍ଧାର କରାଯାଇଥାଏ। ଗ୍ରାମର ବ୍ରାହ୍ମଣ ମହାଜନ କୋଠ ପୋଖରୀର ପରିଚାଳନା କରୁଛନ୍ତି ବୋଲି ଗ୍ରାମର ବାସିନ୍ଦା ପ୍ରଫୁଲ୍ଲ ମିଶ୍ର କହନ୍ତି। ବହୁ ଆଗରୁ ଦୂରଦୁରାନ୍ତର ପଥିକ ଏହି ପୋଖରୀ ପାଣିରେ ରୋଷେଇବାସ କରିବା ସହ ବିଶ୍ରାମ ନେଉଥିଲେ।

**ବଡ଼ପୋଖରୀ ଭରସା:** ସରକାରଙ୍କ ତରଫରୁ ପାନୀୟ ଜଳର ସୁବିଧା ହୋଇଥିଲେ ମଧ୍ୟ ଏବେ ବି ଅନେକ ଗ୍ରାମବାସୀଙ୍କ ବିଶ୍ୱାସ ଓ ଭରସା ପାଲଟିଛି ପୋଖରୀର ଜଳ । ଯେଉଁ ଜଳକୁ ଲୋକେ ଭରସା ଓ ବିଶ୍ୱାସ ରଖି ରୋଷେଇବାସଠାରୁ ଆରମ୍ଭ କରି ବିଭିନ୍ନ ଦେବନୀତି ଓ ମାଙ୍ଗଳିକ କାର୍ଯ୍ୟ ଆଦିରେ ବ୍ୟବହାର କରିଆସୁଛନ୍ତି । ଏଭଳି ଏକ ପୋଖରୀ ରହିଛି, ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅନ୍ତର୍ଗତ ନଖରା ପଞ୍ଚାୟତର ବଡଟାଞ୍ଚୋ ଗ୍ରାମରେ । ଏହାକୁ ଗାଁଲୋକେ ବଡପୋଖରୀ ବୋଲି କୁହନ୍ତି। ଏହି ପୋଖରୀଟି ପ୍ରାୟ ୧୩ଏକର ପରିମିତ ଜମିରେ ଅବସ୍ଥିତ । ପୋଖରୀ ଉପରେ ପୂର୍ବରୁ ଆଖପାଖ ଅଞ୍ଚଳର ପ୍ରାୟ ୫ଟି ଗ୍ରାମର ଲୋକ ନିର୍ଭର କରୁଥିବା ବେଳେ ଏବେ ପ୍ରାୟ ୩ଟି ଗ୍ରାମର ଲୋକଙ୍କ ପାଇଁ ଏହି ପୋଖରୀର ପାଣି ଅମୃତ ସମାନ ପାଲଟିଥିବା ଗ୍ରାମବାସୀ କୁହନ୍ତି । ଆଖପାଖ ଗ୍ରାମରେ ଥିବା ଦେବଦେବୀ ମନ୍ଦିରରେ ଦେବନୀତି, ଯଜ୍ଞ କର୍ମ ଓ ବିଭିନ୍ନ ପର୍ବପର୍ବାଣିରେ ପ୍ରଥମେ ଏହି ପୋଖରୀ ଜଳନେଇ ସମସ୍ତ ନୀତିକାନ୍ତି ସମ୍ପନ୍ନ କରାଯାଇଥାଏ। ଏହି ଗ୍ରାମରେ ଥିବା ବିଭିନ୍ନ କୂଅ, ଟ୍ୟୁବୱେଲ ଏବଂ ସରକାରଙ୍କ ତରଫରୁ ଯୋଗାଇ ଦିଆଯାଉଥିବା ପାନୀୟ ଜଳରେ ପ୍ରସ୍ତୁତ ହେଉଥିବା ଘରର ରୋଷେଇ ଠିକରେ ହେଉ ନ ଥିବା କହିଛନ୍ତି ଗ୍ରାମର ପୁରୁଖା ମହିଳା ପ୍ରମିଳା ସାହୁ। ଅଞ୍ଚଳର ପ୍ରାୟ ୩ଟି ଗ୍ରାମର ଲୋକ ଏହି ପୋଖରୀ ପାଣି ଦ୍ୱାରା ରୋଷେଇ କାର୍ଯ୍ୟ କରୁଥିବା ନଜିର ରହିଛି। ବିଶେଷକରି ଘରେ ଘରେ ଭାତ ରୋଷେଇ କରିବା ପାଇଁ ଏହି ପୋଖରୀ ଜଳ ବିନା ଅନ୍ୟ କୌଣସି ପାଣି ଉପଯୁକ୍ତ ହୁଏ ନାହିଁ ବୋଲି ସେ କୁହନ୍ତି । ଏହି ପାଣି ଦୀର୍ଘଦିନ ଧରି ଗ୍ରାମବାସୀ ବ୍ୟବହାର କରି ଆସୁଥିଲେ ହେଁ ବୃଦ୍ଧାବୃଦ୍ଧମାନେ ନୀରୋଗ ରହୁଥିବା, କୌଣସି ବାର୍ଦ୍ଧକ୍ୟଜନିତ ରୋଗ ସେମାନଙ୍କୁ ଆକ୍ରମଣ କରୁ ନ ଥିବା କୁହନ୍ତି ଗ୍ରାମର ସାମାଜିକକର୍ମୀ ସାରଦା ପ୍ରସନ୍ନ ମଲ୍ଲ । ପୌରାଣିକ ଓ ଲୋକକଥା ଅନୁଯାୟୀ ଏହା ବିରାଟରାଜାଙ୍କ ସମୟରେ ରାଣୀପୋଖରୀ ନାମରେ ପରିଚିତ ଥିବାବେଳେ ଏକ ସରଳରେଖାରେ ୩ଗୋଟି ପୋଖରୀ ରହିଛି। ରାଣୀପୋଖରୀ ବା ବଡପୋଖରୀର ପଶ୍ଚିମପଟରେ ରହିଛି ରାଜାପୋଖରୀ ବା ଲଳିତା ପୋଖରୀ ଏବଂ ଏହାର କିଛି ଦୂରରେ ରହିଛି ମନ୍ତ୍ରୀ ପୋଖରୀ; ଯାହାକୁ ଏବେ ମେଘେଶ୍ୱର ପୋଖରୀ ନାମରେ ନାମିତ ହୋଇଥିବା କୁହନ୍ତି ଗ୍ରାମବାସୀ। ରାଜାପୋଖରୀରୁ ମାଟି ତଳେ ରାଣୀ ପୋଖରୀକୁ ସୁଡଙ୍ଗ ରହିଥିବା କହୁଥିବା ବେଳେ ବଡ଼ପୋଖରୀର ପାଣି କେବେହେଲେ ସୁଖି ନ ଥିବା ଓ ସୁଡଙ୍ଗ କେହି ଦେଖି ନ ଥିବା କୁହନ୍ତି ଗ୍ରାମବାସୀ । ତେବେ ନଖରା ପଞ୍ଚାୟତରେ ଥିବା ସମସ୍ତ ମୌଜାରେ ନିର୍ମାଣ କରାଯାଉଥିବା ପାନୀୟ ଜଳ ପ୍ରକଳ୍ପ ଗୁଡ଼ିକରୁ ବାହାରୁଥିବା











ପାଣି ଲୌହଯୁକ୍ତ ଓ ଖାର ହୋଇଥିବାରୁ ଏଥିରେ ପୋଷାକ ସଫା କରିବା, ରୋଷେଇ ଆଦି କାର୍ଯ୍ୟରେ ଉପଯୋଗ ହୋଇପାରୁ ନ ଥିବାରୁ ପୋଖରୀଜଳରେ ଏହି ସବୁ କାର୍ଯ୍ୟ ହେଉଥିବା ଲୋକେ କୁହନ୍ତି ।

**ସିରେଇ ବଡ଼ପୋଖରୀ ଭରସା:**ପୁରୀ ଜିଲା କଣାସ ବ୍ଲକର ଚିଲିକା ଉପକୂଳବର୍ତ୍ତୀ ଏକାଧିକ ଗାଁରେ ଖରାଦିନେ ମଧୁର ପାନୀୟଜଳର ଅଭାବ ପରିଲକ୍ଷିତ ହୁଏ । ଅନେକ ଗ୍ରାମବାସୀ ଦୟା, ମକରା, ଲୁଣା, ରାଜୁଆନଦୀର ଦୂଷିତ ଜଳକୁ ପାନୀୟ ରୂପେ ବ୍ୟବହାର କରୁଥିବା ବେଳେ ଅନେକଲୋକ ପୋଖରୀ, ନାଳର ଜଳକୁ ପାନୀୟରୂପେ ବ୍ୟବହାର କରୁଥିବା ଦେଖିବାକୁ ମିଳେ। କଣାସ ପଞ୍ଚାୟତ ସମିତି ନିକଟବର୍ତ୍ତୀ ସିରେଇ ଗ୍ରାମପଞ୍ଚାୟତର ସିରେଇ ଗ୍ରାମର ଦୁଇ ନମ୍ବର ୱାର୍ଡରେ ଜଳ ସମସ୍ୟା ହେତୁ ଦୁଇରୁ ତିନି ପୁରୁଷ ତଳେ ପ୍ରାୟ ୫ ଏକରରୁ ଉର୍ଦ୍ଧ୍ୱ ଜମିରେ ଏକ ପୋଖରୀ ଖୋଳି ତାହାର ନାମ ସିରେଇ ବଡ଼ପୋଖରୀ ବୋଲି ଦେଇଥିଲେ । ଏହି ପୋଖରୀ ଉପରେ ସିରେଇ ଗ୍ରାମର ୪ଟି ୱାର୍ଡ ନିର୍ଭର କରୁଥିବା ବେଳେ ବର୍ତ୍ତମାନ ୨ନଂ ୱାର୍ଡର ପ୍ରାୟ ୨ହଜାରରୁ ଉର୍ଦ୍ଧ୍ୱ ଲୋକ ନିର୍ଭର କରୁଛନ୍ତି । ତତ୍ ସହିତ ସିରେଇ ନୋଡାଲ ବିଦ୍ୟାଳୟର ୫ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର, ଅଙ୍ଗନୱାଡି କେନ୍ଦ୍ରର ଛାତ୍ରୀଛାତ୍ର ଏହି ପୋଖରୀ ଜଳ ଉପରେ ନିର୍ଭର କରିଆସୁଛନ୍ତି । ଏହି ପୋଖରୀଟି ଗ୍ରାମପଞ୍ଚାୟତ ଅଧୀନରେ ରହିଛି। ପୋଖରୀରେ ପୂର୍ବରୁ ସିରେଇ ଗ୍ରାମର ଆରାଧ୍ୟ ଠାକୁର ରାଧାମୋହନ ଦେବ ଭଉଁରି ଯାତ୍ରା ସମୟରେ ଚାପ ଖେଳୁଥିଲେ। ପୋଖରୀଟି ଏବେ ଦଳ ପୂର୍ଣ୍ଣ ହୋଇଯାଇଛି। ଉକ୍ତ ଗ୍ରାମରେ ଥିବା ଗଭୀର କୂପ ଗ୍ରୀଷ୍ମ ପ୍ରବାହ ଯୋଗୁ ଶୁଖିଯାଇଥିବାରୁ ଗ୍ରାମବାସୀମାନେ ଏହି ଦଳପୂର୍ଣ୍ଣ ପୋଖରୀ ପାଣିକୁ ନେଇ ସିଝାଇ ପିଉଥିବା ଜଣାପଡିଛି । ଉକ୍ତ ଗ୍ରାମର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମୀନ ଚମ୍ପତି କୁହନ୍ତି, 'ପୂର୍ବ ପୁରୁଷମାନେ ଜଳ ଅଭାବଦୂର ପାଇଁ ପୋଖରୀ ନିର୍ମାଣ କରିଥିଲେ। ପୋଖରୀଟି ପଞ୍ଚାୟତ ହାତକୁ ଚାଲିଯିବା ପରେ ପଞ୍ଚାୟତ ଅଧିକାରୀମାନେ ପୋଖରୀ ପ୍ରତି ସେଭଳି ନଜର ଦେଉ ନ ଥିବାରୁ ଏହିପରି ହୋଇଛି । ଆମେମାନେ କଣାସ ବିଡିଓଙ୍କୁ ଭେଟି ପୋଖରୀରୁ ଦଳସଫା କରିବା ପାଇଁ ନିବେଦନ କରିଛୁ।' ଏହି ଗ୍ରାମର ଅଜୟ ମୁଦୁଲି କୁହନ୍ତି, 'ପୂର୍ବରୁ ଗାଁର ବହୁସଂଖ୍ୟକ ଲୋକ ପୋଖରୀ ପାଣିକୁ ପିଇବାସହ ନିତ୍ୟ ବ୍ୟବହାର କାର୍ଯ୍ୟରେ ଲଗାଉଥିଲେ । କିନ୍ତୁ ଏବେ ଦଳଯୁକ୍ତ ପାଣିକୁ ଆଣି ସିଝାଇ ଛାଣି ପିଉଛନ୍ତି । ନଚେତ୍ ପାନୀୟଜଳ ପାଇଁ ଦୀର୍ଘ ୨କିମି ବାହାର ଗ୍ରାମକୁ ଯିବାକୁ ପଡୁଛି । ଗାଁ ମଧ୍ୟରେ ଗୋଟିଏ ଗଭୀର କୂପ ଥିଲେ ମଧ୍ୟ ଭୂତଳଜଳ ପତନ ହ୍ରାସ ଯୋଗୁ କୂପରୁ ପଙ୍କବାଲି ମିଶ୍ରିତ ଜଳ ବାହାରୁଛି ; ଯାହା କି ପାନୀୟ ଜଳ ରୂପେ ବ୍ୟବହାର କରିବା ଉପଯୁକ୍ତ ହେଉନାହିଁ।

**ପୋଖରୀ ପାଣି ଆମ ଜୀବନ ରକ୍ଷା କରୁଛି** :ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ପାରିକୁଦ ଗଡ଼ । ଏଠାରେ ପ୍ରାୟ ୪ ହଜାରରୁ ଉର୍ଦ୍ଧ୍ୱ ଲୋକ ବସବାସ କରୁଥିବା ବେଳେ ମଧୁରପାଣି ଟୋପାଏ ପାଇଁ ଲୋକମାନେ ତହଳ ବିକଳ ହୋଇଥାନ୍ତି। ଯେମିତି କି ଏଠାରେ ପାଣି ଅଛି ପାଣି ନାହିଁ, ବିଶେଷକରି ଖରାଦିନେ ପରିସ୍ଥିତି କହିଲେ ନ ସରେ। କାରଣ ୧ଲକ୍ଷ ଲିଟର ବିଶିଷ୍ଟ ପାଣିଟାଙ୍କି ଥିବାବେଳେ ଟ୍ୟାପରେ ଧୀରେ ଧୀରେ ପାଣି ଆସୁଛି, ଯାହା ଆବଶ୍ୟକତାକୁ ପୂରଣ କରିପାରୁନାହିଁ। ରାଜକିଶୋର ଜେନା କୁହନ୍ତି, ପାରିକୁଦ ବଜାର ନିକଟରେ ରହିଥିବା ପ୍ରାୟ ୧ଏକର ପରିମିତ ଜାଗାରେ ରହିଥିବା ଫାଣ୍ଡି ପୋଖରୀ ଜଳକୁ ସାନଅଁଳ ଗାଁର ଲୋକମାନେ ପାନୀୟ ଜଳରୂପେ ବ୍ୟବହାର କରିଥାନ୍ତି। ସେହିପରି ଦଳବେହେରା ସାହିରେ ଥିବା ୩ଏକର ପରିମିତ ପୋଖରୀର ପାଣିକୁ ପାନୀୟ ଜଳ ଭାବେ ବ୍ୟବହାର କରୁଛନ୍ତି। ଦଳବେହେରା ସାହିର ଝରଣା ଦଣ୍ଡସେଣା, ମମି ଦଳେଇ, କୁନି ମହାରଣା, ସୁକାନ୍ତି ବେହେରା, ସୁଷମା ବରଡ଼ି, ଗାୟତ୍ରୀ ସାହୁ କହିଛନ୍ତି, ଆମେ ମଧୁରପାଣି ଟୋପାଏ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛୁ। ଏଠାର ପୋଖରୀରୁ ପାଣି ଆଣୁ ଏବଂ ଏହି ଗାଁଠାରୁ ପ୍ରାୟ ୧୦ କିମି ଦୂର ମାଲୁଦକୁ ଯାଇ ମଧ୍ୟ ପିଇବା ପାଣି ଆଣୁଛୁ, ଦୋକାନରୁ ବି ପାଣି କିଣି ପିଉଛୁ। ସରକାରୀ ଟାଙ୍କିରୁ ଆଣୁଥିବା ପାଣିକୁ କିଛି ସମୟ ରଖିବା ପରେ ତଳେ ମଇଳା ଜମୁଛି, ରୋଷେଇ କଲେ ଡାଲି ସିଝୁନାହିଁ, ଭାତ ଶୀଘ୍ର ନଷ୍ଟ ହେଉଛି। ତେଣୁ ପୋଖରୀର ପାଣିକୁ ବ୍ୟବହାର କରୁଛୁ। ସାନଅଁଳ ଗ୍ରାମର ସଭାପତି ରାଜ ଦଣ୍ଡସେଣା କୁହନ୍ତି, ମଧୁର ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ପାଇଁ ବହୁବାର ପଞ୍ଚାୟତଠାରୁ ବ୍ଲକ ଯାଏ ଜଣାଇ ସାରିଲୁଣି। ହେଲେ ଏହି ଅଞ୍ଚଳରେ ମଧୁର ପାଣିର ଅଭାବ ଯୋଗୁ କେବଳ କେତୋଟି ପୋଖରୀ ଜଳକୁ ପାନୀୟଜଳ ଭାବେ ବର୍ଷ ବର୍ଷ ଧରି ବ୍ୟବହାର କରି ଆସୁଛୁ। ସେହିପରି ବଡ଼ଖାଡ଼ ଗ୍ରାମପଞ୍ଚାୟତ ଅଧୀନ କୁରୁପାଳ ଗାଁର ପୂର୍ବପଟେ ରହିଛି ବଡ଼ ପୋଖରୀ। ଏଠାରେ ଲୋକମାନେ ପୋଖରୀ ସୁରକ୍ଷା ଓ ଜଳସଂରକ୍ଷଣ କରି ନିଜର ନିତ୍ୟ ବ୍ୟବହାର ପାଇଁ ଜଳ ନେଇଥାନ୍ତି। ସେହିପରି ସଚ୍ଚିଦାନନ୍ଦ ଜେନା କୁହନ୍ତି, ଗାଁରେ ପାନୀୟ ଜଳ ପାଇଁ ପାଇପ ବିଛା ଯାଇଛି ହେଲେ ପାଣି ଆସୁନାହିଁ। ବାହାରୁ ଗାଁକୁ ୨ମାସ ପାଇଁ ଟ୍ୟାଙ୍କରରେ ପାଣି ଆସିଥାଏ, ସମସ୍ତେ ବାଣ୍ଟିକୁଣ୍ଟି ନେଇଥାଉ ଯାହା ସମସ୍ତଙ୍କ ପାଇଁ ଯଥେଷ୍ଟ ହୁଏ ନାହିଁ। ଯେଉଁଥିପାଇଁ ବାକି ୧୦ ମାସ ଘୋର ଅସୁବିଧା ଭୋଗ କରୁଛୁ। ପୁଣି ଏଠାରେ ଥିବା ଏକ ନଳକୂପରୁ ଗନ୍ଧକଯୁକ୍ତ ପାଣି ବାହାରୁ ଥିବାରୁ ସେହି ପାଣିକୁ ବ୍ୟବହାର କଲେ ପେଟ ଯନ୍ତ୍ରଣା ଭୋଗିବାକୁ ପଡ଼ିଥାଏ । ପୋଖରୀ ପାଣି ବ୍ୟବହାର ହେଉଥିବାରୁ କେହି ପୋଖରୀକୁ ଅପରିଷ୍କାର କରି ନ ଥାନ୍ତି। ଆବଶ୍ୟକତା ଅନୁଯାୟୀ ପୋଖରୀରୁ ପାଣି ଆଣି ବାହାରେ ନିତ୍ୟ ବ୍ୟବହାର୍ଯ୍ୟ କାମ କରିଥାନ୍ତି। ସେମିତି ଏଠାକାର ବାସିନ୍ଦା ସୁବାସ ଜେନା କୁହନ୍ତି, ପିଲାଟି ଦିନରୁ ଦେଖିଛି ଘରକୁ ରୋଷେଇ ଆଦି ପାଇଁ ଏହି ପୋଖରୀରୁ ପାଣି ନିଆଯାଇଥାଏ। ଆଜିକାଲି କେହି କେହି ଏହି ପୋଖରୀ ବ୍ୟତୀତ ଏଠାରୁ ପ୍ରାୟ ୪କିମି ଦୂର ନୂଆପଡ଼ାକୁ ଯାଇ ସେଠାରୁ ଆବଶ୍ୟକ ପାନୀୟ ମଧୁର ଜଳ ଆଣିଥାନ୍ତି। ଏମିତି ବର୍ଷବର୍ଷ ଧରି ଗାଁର ଏହି ପୋଖରୀ ପାଣିରେ ନିତ୍ୟ ବ୍ୟବହାର କରି ଚାଲିଛୁ। ସେହିପରି ଚିଲିକା ବ୍ଲକ ଅଧୀନ ଇଞ୍ଜନପୁର ଓ ଭେଲେଡ଼ି ଅଞ୍ଚଳରେ ଥିବା ପୋଖରୀର ପାଣିକୁ ବି ଲୋକମାନେ ବ୍ୟବହାର କରିଥାନ୍ତି।

କେବଳ ଏହିସବୁ ଅଞ୍ଚଳ ନୁହେଁ ଓଡ଼ିଶାର ବିଭିନ୍ନ ସ୍ଥାନରେ ଆଜି ବି ଲୋକମାନେ ପୋଖରୀ ପାଣିକୁ ପାନୀୟ ଜଳ ରୂପେ ବ୍ୟବହାର କରୁଛନ୍ତି।

**-ବନବିହାରୀ ବେହେରା, କୈଳାଶ ପଟ୍ଟନାୟକ, କିଶୋର ମହାପାତ୍ର, ବିଭୂତି ଭୂଷଣ ତ୍ରିପାଠୀ, ଆଶୁତୋଷ ଦାସ**







# ଶର୍ଟ୍ସ ଫ୍ୟାଶନ



**ଖରାଦିନେ ଶର୍ଟ୍ସ ପିନ୍ଧିବାକୁ ଅନେକେ ପସନ୍ଦ କରିଥାନ୍ତି। କାରଣ ଏହା କମ୍ଫର୍ଟେବଲ୍ ଲାଗିବା ସହ ଝିଅମାନଙ୍କୁ ସ୍ମାର୍ଟ ଲୁକ ଦେଇଥାଏ। ସାଧାରଣତଃ ସମସ୍ତେ ଭାବନ୍ତି ଡେନିମ୍ ଶର୍ଟ୍ସର ଚାହିଦା ଖୁବ୍ ରହିଥାଏ। କିନ୍ତୁ ଏବେ ଡେନିମ୍ ଶର୍ଟ୍ସ ବ୍ୟତୀତ ଆହୁରି ଅନେକ ଭେରାଇଟିର ଶର୍ଟ୍ସ ବି ଆସିଲାଣି; ଯାହା ସୁନ୍ଦର ଦେଖାଯିବା ସହ ଖରାଦିନେ ପିନ୍ଧିବାକୁ ବେଶ୍ କମ୍ଫର୍ଟେବଲ ବି ଲାଗିଥାଏ...**

* **ଡେନିମ୍ ଶର୍ଟ୍ସ:** ଶର୍ଟ୍ସ ଭିତରେ ସବୁଠୁ ଲୋକପ୍ରିୟ ହେଉଛି ଡେନିମ୍ ଶର୍ଟ୍ସ। ଖରାଦିନେ ଏହାକୁ କାଜୁଆଲ ୱେର୍ ଭାବେ ହେଉ ଅଥବା ଆଉଟିଂରେ ଯିବାବେଳେ ପିନ୍ଧିଲେ ବେଶ୍ କମ୍ଫର୍ଟେବଲ୍ ଲାଗିଥାଏ। ବିଶେଷକରି ଡେନିମ୍ ଶର୍ଟ୍ସ ସହ ପେପ୍ଲମ୍ ଟପ୍ସ, ଫ୍ଲୋରାଲ ପ୍ରିଣ୍ଟ ଟପ୍ସ, ଢିଲା ଟି ଶାର୍ଟ ତଥା ଶ୍ରଗ୍ ଆଦି ଭଲ ମାନିଥାଏ। କଳା ରଙ୍ଗର ଚଷମା ସହ ଏହି ଗେଟଅପ୍ ଯୁବତୀଙ୍କୁ ଷ୍ଟାଇଲିଶ ସମର୍ ଲୁକ ଦେଇଥାଏ।
* **ପ୍ରିଣ୍ଟେଡ୍ ଶର୍ଟ୍ସ:** ଏହି ଶର୍ଟ୍ସ ବି ଖରାଦିନେ ବେଶ୍ କୁଲ୍, କମ୍ଫର୍ଟେବଲ୍ ଲୁକ୍ ଦେଇଥାଏ। ଟ୍ୟାଙ୍କ ଟପ୍ସ ହେଉ ଅଥବା ଟି–ଶାର୍ଟ ସହିତ ପ୍ରିଣ୍ଟେଡ୍ ଶର୍ଟ୍ସ ଭଲ ମ୍ୟାଚିଂ କରିଥାଏ। ଯେହେତୁ ଶର୍ଟ୍ସ ପ୍ରିଣ୍ଟେଡ୍ ରହୁଛି, ତେଣୁ ଟପ୍ସରେ ସିଙ୍ଗିଲ୍ କଲର୍ ଚୟନ କଲେ ହିଁ ପ୍ରୋମିନେଣ୍ଟ ଲୁକ୍ ମିଳିଥାଏ। ତେବେ ଧ୍ୟାନ ଦେବେ, ଯେଉଁମାନଙ୍କର ଜଙ୍ଘ ବେଶି ମୋଟା ଦେଖାଯାଉଥିବ, ସେମାନଙ୍କୁ ପ୍ରିଣ୍ଟେଡ୍ ଶର୍ଟ୍ସ ସେତେ ଭଲ ମାନି ନ ଥାଏ।
* **ଲିନେନ୍ ଶର୍ଟ୍ସ:** ଖରାଦିନ ପାଇଁ ଏହି ଶର୍ଟ୍ସ ବି ଏକ ଭଲ ଅପ୍ସନ ହୋଇଥାଏ। ଏହା ଟିକେ ଡିଫରେଣ୍ଟ ଲୁକ୍ ଦେଇଥାଏ। ତେଣୁ ଯୁବତୀ ଚାହିଁଲେ ଏହି ଶର୍ଟ୍ସକୁ କାଜୁଆଲ୍ ୱେର୍ ବ୍ୟତୀତ ସେମି ଫର୍ମାଲ୍ ଲୁକ୍ ତଥା ଡେ ଟାଇମ୍ ଆଉଟିଂରେ ବି ଟ୍ରାଏ କରିପାରିବେ। ବିଶେଷକରି ଆପେଲ୍ ବଡି ଶେପ୍ ଥିବା ମହିଳାମାନଙ୍କୁ ଏହି ଟାଇପ୍‌ର ଶର୍ଟ୍ସ ଭଲ ମାନିଥାଏ। ତା'ଛଡ଼ା ଏହି ଶର୍ଟ୍ସକୁ ଟ୍ରାଏ କରିବା ସମୟରେ ଟିକେ କଲର୍ କଣ୍ଟ୍ରାଷ୍ଟିଙ୍ଗ୍ ଉପରେ ଧ୍ୟାନ ଦେଲେ ଆଉଟ୍‌ଷ୍ଟାଣ୍ଡିଂ ଲୁକ୍ ମିଳେ।
* **କଟ୍ ଅଫ୍ ଶର୍ଟ୍ସ:** ଯେଉଁମାନେ ଶର୍ଟ୍ସ ପିନ୍ଧି ଟିକେ ଷ୍ଟାଇଲ୍ ଷ୍ଟେଟମେଣ୍ଟ କ୍ରିଏଟ୍ କରିବାକୁ ପସନ୍ଦ କରନ୍ତି, ସେମାନଙ୍କ ପାଇଁ ଏହି ଟାଇପ୍‌ର ଶର୍ଟ୍ସ ବେଷ୍ଟ ଅପ୍ସନ ହୋଇଥାଏ। ବିଶେଷକରି ଡେନିମ୍‌ର କଟ୍ ଅଫ୍ ଶର୍ଟ୍ସ ପିନ୍ଧିବାକୁ ବେଶ୍ ଷ୍ଟାଇଲିଶ୍ ଲାଗିଥାଏ। ଏବେ ତ ଏମ୍ବ୍ରୋଏଡୋରି ହୋଇଥିବା କଟ୍ ଅଫ୍ ଶର୍ଟ୍ସର ବି ଖୁବ୍ ଚାହିଦା ରହୁଛି। ସବୁଠୁ ଖାସ୍ କଥା ହେଉଛି ଏହି ଟାଇପ୍‌ର ଶର୍ଟ୍ସକୁ ଯେ କୌଣସି ବଡି ଶେପ୍‌ର ଯୁବତୀ ଆରାମରେ କ୍ୟାରି କରିପାରିବେ।
* **ଚିନୋ ଶର୍ଟ୍ସ:** ଯଦି ଅଫିସ୍‌ରେ ଶର୍ଟ୍ସ ପିନ୍ଧିବାକୁ ନେଇ କିଛି ବି ଅସୁବିଧା ନ ଥାଏ, ତା'ହେଲେ ଚିନୋ ଶର୍ଟ୍ସକୁ ଟ୍ରାଏ କଲେ ଏହା ଖରାଦିନେ ବେଷ୍ଟ ପ୍ରଫେଶନାଲ୍ ଲୁକ୍ ଦେଇଥାଏ। ତେବେ ଧ୍ୟାନ ଦେବେ ଅଫିସ୍ ପାଇଁ ଚିନୋ ଶର୍ଟ୍ସ ପିନ୍ଧିଲାବେଳେ ଦେଖିବେ ଯେମିତି ଏହାର ଲମ୍ବା ବେଶି ଛୋଟ ନ ହୋଇ ମିଡ୍ ଥାଇ ଲେଙ୍ଗ୍‌ଥ ଅଥବା ଆଣ୍ଠୁଠାରୁ ଟିକେ ଉପରକୁ ରହିଲା ଭଳି ଦେଖାଯାଉଥିବ।

### ଜାଣିବା କଥା

- ପିୟର୍ ବଡି ଶେପ୍ ଥିବା ମହିଳାମାନେ ସ୍କିନ୍ ଫିଟ୍ ଶର୍ଟ୍ସ ପିନ୍ଧିଲେ ଭଲ ଦେଖାଯାଇଥାନ୍ତି। ବିଶେଷକରି ଡେନିମ୍ ଶର୍ଟ୍ସ ଏମାନଙ୍କୁ ଭଲ ମାନିଥାଏ।
- ରେକ୍ଟାଙ୍ଗଲ୍ ବଡି ଶେପ୍ ଥିବା ଯୁବତୀଙ୍କୁ ଫ୍ଲିପ୍ ଶର୍ଟ୍ସ ସହିତ ସ୍କିନ୍ ଫିଟ୍ ଟପ୍ସ ଭଲ ମାନିଥାଏ।
- ଆପେଲ୍ ବଡି ଶେପ୍ ଥିବା ଯୁବତୀଙ୍କୁ ଟାଇଟ୍ ଫିଟିଙ୍ଗ୍ ଶର୍ଟ୍ସ ସେତେ ଭଲ ମାନି ନ ଥାଏ। ସେମାନଙ୍କୁ ଲିନେନ୍ ଶର୍ଟ୍ସ ଅଥବା ବରମୁଣ୍ଡା ଶର୍ଟ୍ସ ଭଲ ଲାଗିଥାଏ।
- ସ୍ଲିମ୍ ଟ୍ରିମ୍ ଫିଗର୍ ଥିବା ଡେଙ୍ଗା ଯୁବତୀଙ୍କୁ ମିଡ୍ ଥାଇ ଲେଙ୍ଗ୍‌ଥ ଡେନିମ୍ ଶର୍ଟ୍ସରୁ ଆରମ୍ଭ କରି ହାଇ ୱେଷ୍ଟ ଶର୍ଟ୍ସ ପର୍ଯ୍ୟନ୍ତ ସବୁକିଛି ବେଶ୍ ସୁନ୍ଦର ଦେଖାଯାଇଥାଏ।







# ଆଉ ଥରେ ନେବି କବି ଜନମ

**ମୋ ଗାଁ ଏବଂ ମୋ ଗାଁ ଲୋକଙ୍କ ସରଳ ମୁହଁ ମତେ ସର୍ବଦା ମନ୍ତ୍ରମୁଗ୍ଧ କରୁଥିଲା। ଯାହା ମତେ ଲେଖିବା ପାଇଁ ପ୍ରେରଣା ଦେଉଥିଲା..**



ଏକାଧାରରେ ସେ ଜଣେ କବି, ଗାଳ୍ପିକ ଓ ନାଟ୍ୟକାର। ଦୀର୍ଘ ୪ଦଶନ୍ଧି ଧରି ତାଙ୍କ ଲେଖନୀ ମୁନରେ ଫୁଟେଇଛନ୍ତି ଏକାଧିକ ଗଳ୍ପ, କବିତା ଓ ନାଟକ। ଏଥିପାଇଁ ତାଙ୍କୁ ମିଳିଛି ଅନେକ ପୁରସ୍କାର ଓ ସମ୍ମାନ। ସେ ହେଲେ **ବୈକୁଣ୍ଠନାଥ ସାହୁ**। ଜନ୍ମ ୧୨।୫।୧୯୪୮ରେ। ମା' ସୀତା ଦେବୀ ଓ ପିତା ନାରାୟଣ ଚନ୍ଦ୍ର ସାହୁ। ଘର କଟକ ଜିଲାର ଆଳି ବ୍ଲକ ଅନ୍ତର୍ଗତ ମାନପୁରରେ। ସେ କୁହନ୍ତି, 'ସେତେବେଳେ ମୋ ବାପା କଲିକତାରେ ବ୍ୟବସାୟ କରୁଥିଲେ। ଆମେ ୫ ଭାଇ ଓ ୫ ଭଉଣୀ। ଗୋବିନ୍ଦପୁର ଗୋଦାବରୀଶ ବିଦ୍ୟାଭବନରେ ମୋର ପାଠପଢ଼ା ଆରମ୍ଭ। ସେହି ସମୟରେ ସ୍କୁଲ ପାଠପଢ଼ା ସହିତ ବିଭିନ୍ନ ଗପ ବହି ପଢ଼ିବାକୁ ମୁଁ ଭଲ ପାଉଥିଲି। ଆଖପାଖ ଗାଁରେ ଯେଉଁଠି ସଭାସମିତି ହେଉଥିଲା ସେଠାକୁ ଯାଉଥିଲି। ସଭାସମିତିରେ ଯୋଗ ଦେଉଥିବା ଜଣାଶୁଣା ବ୍ୟକ୍ତିମାନଙ୍କ ଭାଷଣ ମତେ ଖୁବ୍ ପ୍ରଭାବିତ କରୁଥିଲା। ସେମାନଙ୍କ କଥା ଏବଂ ବିଭିନ୍ନ ଘଟଣାର ପ୍ରସଙ୍ଗକୁ ନେଇ ମୁଁ ଅନେକ ସମୟରେ ଗପ ଲେଖି ଦେଉଥିଲି। ମୋ ଗାଁର କଜଳ ଲୋଚନା ନଈ ଓ ଗଛଲତାର ପତ୍ରଗହଳ ଆଢୁଆଳରେ ମୁହଁ ଲୁଚାଇଲା ପରି ଦୂରଦିଗନ୍ତରୁ ଦିଶୁଥିବା ମୋ ପଲ୍ଲୀଗାଁ ଏବଂ ତା'ର ସାଧାରଣ ଲୋକଙ୍କ ସରଳ ମୁହଁ ମତେ ସର୍ବଦା ମନ୍ତ୍ରମୁଗ୍ଧ କରୁଥିଲା। ଯାହା ମତେଗଳ୍ପ ଲେଖିବାର ଖୋରାକ ଦେଉଥିଲା। ଏ ଭିତରେ ମୋର କେତୋଟି କବିତା 'ଝଙ୍କାର'ରେ ପ୍ରକାଶିତ ହୋଇଥିଲା। ଯାହା ମତେ ଖୁସିରେ ଆତ୍ମହରା କରି ଦେଇଥିଲା। ୧୯୬୫ ମସିହାରେ ଉଚ୍ଚଶିକ୍ଷା ପାଇଁ କଟକ ଆସିଲି, ରେଭେନ୍ସା କଲେଜରେ ଅର୍ଥନୀତି ପଢ଼ିଲି। ସମୟକ୍ରମେ ଏମ୍.ଏ. ସାରିଲି। କଟକରେ ରହୁଥିବା ବେଳେ ଅନ୍ନପୂର୍ଣ୍ଣା ଥିଏଟର ଓ ଜନତା ରଙ୍ଗମଞ୍ଚ ଏବଂ କଳାବିକାଶ କେନ୍ଦ୍ର ଆଦିକୁ ବୁଲି ଯାଉଥିଲି। ବିଭିନ୍ନ ନାଟକ ଦେଖୁଥିଲି। ନାଟକ ଦେଖିବାର ନିଶା ମୋ ମନରେ କ୍ଷୁଦ୍ରନାଟକ ଲେଖିବା ପାଇଁ ଆଗ୍ରହ ସୃଷ୍ଟି କରିଥିଲା।






ଆକାଶବାଣୀରେ ବେତାର ନାଟକ ଭାବେ 'ଉର୍ମୀ', 'ପାଷାଣଜ୍ୟୋତ୍ସ୍ନା', 'ସାବରମତିରୁ ରାଜଘାଟଯାଏ', 'ସହର ସୁନ୍ଦରୀ', 'କନ୍ୟାଦାନ', 'ଅନେକପଥ', 'ଦୁଃଖସରେନାହିଁ' ଆଦି ପ୍ରସାରଣ କରାଯିବାରୁ ମୋର ଏକ ଭିନ୍ନ ପରିଚୟ ସୃଷ୍ଟିହେଲା। କିନ୍ତୁ ଅର୍ଥନୀତିରେ ପାଠପଢ଼ି ଥିବାରୁ ଭବିଷ୍ୟତରେ ଜଣେ ବ୍ୟାଙ୍କ ଅଫିସର ହେବି ବୋଲି ଆଶା ଥିଲା। ହେଲେ ୧୯୭୫ରେ ଓଏଏସ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଓଡ଼ିଶା ପ୍ରଶାସନିକ ସେବାରେ ଯୋଗଦେଲି। ପ୍ରଥମେ ବୌଦ୍ଧ ଜିଲାରେ ମୋର ଚାକିରି ଜୀବନ ଆରମ୍ଭ ହୋଇଥିଲା ଜଣେ ସବ୍‌ଡିଭିଜନାଲ ଅଫିସର ଭାବେ। ପରେ କୋରାପୁଟ ଜିଲାର ଖଇରପୁଟ ବ୍ଲକ ବିଡିଓ ହେଲି। ତା'ପରେ ଜଗତ୍‌ସିଂହପୁର ବାଲିକୁଦା ବ୍ଲକରେ ବିଡିଓ ଭାବେ କାର୍ଯ୍ୟ କଲି। ଏମିତିରେ ପ୍ରାୟ ୨୦ଟି ଜିଲାର କେତେକ ଅଞ୍ଚଳରେ ସରକାରୀ ଅଧିକାରୀଭାବେ କାର୍ଯ୍ୟ କରିଥିଲି। ଚାକିରି ଜୀବନରେ ବିଭିନ୍ନ ସ୍ଥାନକୁ ଭ୍ରମଣରେ ଯାଉଥିବାରୁ ବିଭିନ୍ନ ଅଞ୍ଚଳର ଭାଷା, ସାହିତ୍ୟ ଓ ଲୋକସଂସ୍କୃତିକୁ ଜାଣିବାର ସୌଭାଗ୍ୟ ଅର୍ଜନ କଲି। ବିଭିନ୍ନ ଘଟଣା ସମ୍ପର୍କରେ ଅବଗତ ହେଲି। ଅନେକ ଅନୁଭୂତି ମୋ ଭିତରେ ଠୁଳ ହେଲା। ଲେଖିବାକୁ ଇଚ୍ଛା ହେଉଥିବାରୁ ଲେଖିଚାଲିଛି। ବିଶେଷକରି ଆଦିବାସୀଙ୍କ ଜନଜୀବନର ଘଟଣାକୁ ନେଇ ଏକାଧିକ ଗଳ୍ପ, କବିତା ଓ ନାଟକ ଲେଖିସାରିଛି। ଗୋଟିଏ କଥା ମନେପଡୁଛି। ଚାକିରି ସମୟରେ ବୌଦ୍ଧଜିଲାରେ ରହିଥିବା ବେଳେ ଥରେ ଏକ ନିର୍ବାଚନ ବେଳେ କଂସାଗରା ଏକ ଆଦିବାସୀ ଗାଁକୁ ଯାଇଥିଲି। ଏଠାରେ ପହଞ୍ଚିଲା ପରେ, ଜଣେ ବ୍ୟକ୍ତି ହଠାତ୍ ମୋ ପାଖକୁ ଆସି ମତେ ପଚାରିଥିଲେ, ସାର୍ ଯାହାକୁ ଆମେ ନେତା ବାଛିବୁ, ସିଏ ଆମ ପରିବାରର ଉନ୍ନତି କରିବ ତ ? ତାଙ୍କ ଅସହାୟତା ମତେ ବ୍ୟତିବ୍ୟସ୍ତ କରିପକାଇଲା। ତାକୁ ନେଇ ଗୋଟିଏ କବିତା ଓ ଗୋଟିଏ ଗପଟିଏ ଲେଖିଥିଲି। ଏହିକଥା ଏବେବି ମୋ ମନକୁ ଆନ୍ଦୋଳିତ କରେ। ମୁଁ ଲେଖିଥିବା ୮ଟି କବିତା ସଙ୍କଳନ ମଧ୍ୟରେ 'ସତ୍ୟପାଠ', 'ସମୟର ଛବିଦେଖା', 'ପାଣିରେ ଘର ଓ ଗାଁ', 'କୁତବମୀନାର କାନ୍ଦି ପାରେନା', 'ବାଟବଣା ନଦୀ', 'ମୁଁ ଖଣ୍ଡେ ଭାସମାନ ମେଘ', 'ହୃଦୟ କୁଞ୍ଜ', 'ତାରିଖ ବଦଳି ଯାଏ' ଆଦି ପୁସ୍ତକ ପ୍ରକାଶିତ ହୋଇସାରିଛି। ୪୦ବର୍ଷ ଧରି ଲେଖାଲେଖି ଅଭ୍ୟାସ ଜାରି ରହିଛି। ଏଥିରେ ଆନନ୍ଦ ପାଉଛି। ରଚନା କରିଥିବା ବିଭିନ୍ନ ନାଟକଗୁଡିକ ଓଡ଼ିଶାର କେତୋଟି ସୌଖୀନ ରଙ୍ଗମଞ୍ଚର କଳାକାରମାନଙ୍କ ଦ୍ୱାରା ମଞ୍ଚସ୍ଥ ହୋଇସାରିଛି। ପୁଣି କେତେକ ନାଟକ କଟକ ଆକାଶବାଣୀ ଏବଂ ଦୂରଦର୍ଶନରେ ପ୍ରସାରିତ ହୋଇଛି। ଅନ୍ୟପକ୍ଷେ 'ରାଜପୁତ୍ରର ଲୁହ', 'ହେ ରାମ', 'ଇତିହାସର ପ୍ରଥମ ପୃଷ୍ଠା' ଆଦି ଗଳ୍ପ ଏବଂ 'ଲକ୍ଷ୍ମଣ ନାୟକ', 'ବିର୍ସାମୁଣ୍ଡା', 'ହେ ଗାନ୍ଧୀ ବିଦାୟ' ଆଦି ବିଭିନ୍ନ ପ୍ରସଙ୍ଗରେ ମୁଁ ଲେଖିଛି। ଏହାଛଡ଼ା ଏକ ତ୍ରୈମାସିକ ସାହିତ୍ୟ ପତ୍ରିକା ମନୀଷାକୁ ଦୀର୍ଘ ୧୨ବର୍ଷ ଧରି ସମ୍ପାଦନା କରିଆସୁଛି। ପୁରସ୍କାର ଭାବେ ଗୋକର୍ଣ୍ଣିକା ସାହିତ୍ୟ ସମ୍ମାନ, ବେଦବ୍ୟାସ ସାହିତ୍ୟ ସମ୍ମାନ, ପରାଗ ପୁରସ୍କାର, ବୈଶାଖୀ ସାହିତ୍ୟ ଆଦି ଏକାଧିକ ସମ୍ମାନ ଓ ପୁରସ୍କାର ମିଳିସାରିଛି। ପରିବାର କହିଲେ ମୋର ଗୋଟିଏ ପୁଅ, ଏକମାତ୍ର ଝିଅ ଏବଂ ପତ୍ନୀଙ୍କୁ ନେଇ ଭୁବନେଶ୍ୱରରେ ରହୁଛି। ମୋର ଗୋଟିଏ ଇଛା ଆଉ ଥରେ ଜନ୍ମ ହେଲେ କବିଟିଏ ହୋଇ ଜନ୍ମ ହେବି।

**-ବନବିହାରୀ**



# ଆରପାଖ

– ରୋଜାଲିନି ମିଶ୍ର

ପୋର୍ଟ୍ରେଟ୍‌ଟିକୁ ଝିଅଟି ହାତକୁ ବଢ଼େଇଦେଇ ଷ୍ଟୁଲ୍ ଉପରେ ବସି ପଡ଼ିଲେ ଶ୍ରୀମୟୀ ।

ହାତରୁ ଖସିପଡ଼ି ଏହାର ଫ୍ରେମ୍‌ଟି ଫାଟିଗଲା ଗୋଟିଏ ପାଖରୁ । ସଜେଇ ହେବ କି ??

– '' ହଁ , ଦେଖୁଛି '' କହି ଝିଅଟି ତା' କାମରେ ଲାଗି ପଡ଼ିଲା । ଇତିମଧ୍ୟରେ ଝିଅଟିର ଛୋଟିଆ ଦୋକାନ ଭିତରେ ଆଖି ବୁଲେଇ ଆଣିଲେ ସେ । ଦୋକାନ ତ ନୁହେଁ ଛୋଟିଆ ରଙ୍ଗିନ ଦୁନିଆଟେ । ଖୁବ୍ ସୁନ୍ଦର ଆଉ ପରିଷ୍କାର ଭାବରେ ସଜେଇଥିଲା ଝିଅଟି ତା' ବିପଣୀର ପସରାକୁ । ରଙ୍ଗର ପଟୁଆର ଯେମିତି ଲହଡ଼ି ଭାଙ୍ଗୁଥିଲେ ତା' ଦୋକାନର ଏଠି ସେଠି ସବୁଠି । କାନ୍ଥରେ ଟଙ୍ଗା ହୋଇଥିଲା ଭଳିକି ଭଳି ରଙ୍ଗବେରଙ୍ଗୀ ପେଣ୍ଟିଂ ସବୁ । ଗଛଲତା, ଦେବଦେବୀ, ପର୍ବତ ଜଙ୍ଗଲ , ଫୁଲଫଳ ଆଦିର ଜୀବନ୍ତ ପ୍ରତିକୃତି । କାନ୍ଥର ଗୋଟିଏ ପାଖରେ ସଜା ହୋଇଛି ବିଭିନ୍ନ ରଙ୍ଗର ଆଉ ବିଭିନ୍ନ ପ୍ରକାରର ରଙ୍ଗଡବା ସାଙ୍ଗକୁ ଭିନ୍ନ ଭିନ୍ନ ସାଇଜର ତୂଳୀ ସବୁ । ଆଉ ଆର ପାଖରେ ଝୁଲିଛି ଲମ୍ବା ଚୌଡ଼ା ପରଦାଟିଏ । ପରଦା ପଛ ପାଖଟି ହୋଇପାରେ ଷ୍ଟୋର୍‌ରୁମ୍ ।

– ଏ ସବୁ କ'ଣ ତୁମେ ନିଜେ ଆଙ୍କିଛ ?

– ହଁ , ମାଡାମ । ମୁଁ ନିଜେ ଆଙ୍କେ ଆଉ ନିଜେ ବନ୍ଧେଇ କରି ବିକ୍ରିକରେ ।

– ବାଃ .... ବହୁତ ସୁନ୍ଦର .... କେଉଁଠୁ ଶିଖିଲ ଏ ସୁନ୍ଦର କଳାକୁ !!

– ମୋ ସ୍ୱାମୀଙ୍କଠାରୁ ।

ଏମିତି କିଛି ସମୟର କଥାବାର୍ତ୍ତା ଭିତରେ କାମ ସରିଯାଇଥିଲା । ଝିଅଟି ହାତକୁ ତା' ପାଉଣା ବଢ଼େଇ ଦେଉ ଦେଉ ତା' ଦୋକାନର ଖୁବ୍ ପ୍ରଶଂସା କଲେ ଶ୍ରୀମୟୀ । କହିଲେ ,''ସତରେ ଏତିକି ସମୟ ଭିତରେ ମୁଁ ଖୁବ୍ ବେଶି ଭାବରେ ପଡ଼ିଯାଇଛି ତୁମର ଏହି ରଙ୍ଗିନ ଦୁନିଆର ପ୍ରେମରେ । ସବୁବେଳେ ଏମିତି ସତେଜ ଆଉ ବହୁବର୍ଣ୍ଣା ହୋଇ କି ଥାଉ ତୁମର ଏହି ରଙ୍ଗତୂଳୀର ଜୀବନ ।''

ଫେରି ଯାଉ ଯାଉ ତାଙ୍କୁ ଅଟକେଇଦେଲା ଝିଅଟି । ''ଏତେ କଥା ହେଲେଣି ଯେତେବେଳେ , ମୋର ଏହି ରଙ୍ଗତୂଳୀ ଜୀବନର ପଛପାଖକୁ ଦେଖିବେନି ଟିକେ ?'' କହି ପରଦାଟିକୁ ଆଡ଼େଇଦେଲା ସେ । ଦୋକାନ ସଂଲଗ୍ନ ଛୋଟିଆ ଘରଟି ଷ୍ଟୋର୍ ରୁମ୍ ନ ଥିଲା । ସେ ଘର ଭିତରେ ବସିଥିଲା କୁନିପୁଅଟିଏ ଜଣେ ଶଯ୍ୟାଶାୟୀ ବୃଦ୍ଧାଙ୍କ ପାଖରେ । ଝିଅଟି ଚିହ୍ନେଇ ଦେଲା ... ଏ ମୋ ମା' । ହାର୍ଟରୋଗୀ । ଗୋଟିଏ ଗୋଟିଏ କରି ପଇସା ଯୋଡୁଛି ମୁଁ ତା'ର ଚିକିତ୍ସା ପାଇଁ । ଆଉ ଏ ମୋ ପୁଅ । ଜନ୍ମରୁ ଅନ୍ଧ । ଏଥର କାନ୍ଥକୁ ଆଙ୍ଗୁଠି ଦେଖେଇଲା ଝିଅଟି । କାନ୍ଥରେ ଝୁଲୁଥିଲା ଫୁଲମାଳ ଦିଆ ଫଟୋଟିଏ । ''ମାଡାମ ... ଏ ମୋ ସ୍ୱାମୀ ।''

ଇସ୍ ..... ରଙ୍ଗିନ ପରଦା ପଛର ଜୀବନଟା ଏତେ ବି ବିବର୍ଣ୍ଣ ହୋଇପାରେ !! ନିର୍ବାକ ଶ୍ରୀମୟୀ ଦୁଃଖରେ ଭାଙ୍ଗିପଡ଼ିଲେ । ଝିଅଟିର ମୁଣ୍ଡ ଆଉଁଶି ଦେଉ ଦେଉ କହିଲେ , ଆସୁଛି ମୁଁ ... ନିଶ୍ଚୟ ଦେଖା ହେବ ପୁଣି ଥରେ । ଆଚ୍ଛା ତୁମ ନାଁ ଟି କହିଲନି ଯେ ?



– ମୋ ନାଁ ମୋ ପାଇଁ ଆଉ ଗୋଟେ ବିଡ଼ମ୍ବନା ମାଡାମ । ସିନ୍ଦୂରୀ ... ମୋ ମା' ବାଛି ବାଛି ମୋ ନାଁ ଦେଇଥିଲା ସିନ୍ଦୂରୀ ... କହି ହସି ଉଠିଲା ଝିଅଟି । ଆଉ ହସୁ ହସୁ ତା' ଆଖିରୁ ଖସି ପଡ଼ିଲା କେଇ ଠୋପା ଯନ୍ତ୍ରଣାସିକ୍ତ ଲୁହ ।

– ଭିଏସ୍‌ଏସ୍ ନଗର, ଭୁବନେଶ୍ୱର
ମୋ: ୮୮୯୫୩୨୬୪୩୪

# ପଥର ଦେବତା

–ତପନ କୁମାର ପଣ୍ଡା

ପର୍ବତର ସ୍ନାୟୁରେ ଗଢ଼ା ଝରଣାଙ୍କୁ
ଗଳାରୁଦ୍ଧ କରିଦେଉଛି ପଥର ଦେବତା,
ଜଙ୍ଗଲର କୁଞ୍ଚିକରା ସବୁଜ ଓଢ଼ଣୀଙ୍କୁ
ନିଆଁମାଳରେ ସଜେଇ ଚାଲିଛି ପୂଜକ ।
କେଉଁଠି ସାଇତି ହେବ ଏତେ ଭୟ
କେଉଁଠି ଲୁଚେଇବା ଏତେ ଛଳନା ;
ବାଘଛାଲରେ ଚିତ୍ର ଆଙ୍କି କିଏ ସେ
ଗଢ଼ିଚାଲିଛି ଭୋକ ଓ ଭୟର ସାମ୍ରାଜ୍ୟ ?
ରାତି ଏବେ ଜାଳି ଚାଲିଛି
ଦିକ ଦିକ ତାରାଙ୍କ ଅନ୍ଧାରି ଜଙ୍ଗଲ,
ରାତି ଏବେ ଶୋଷି ଚାଲିଛି
ମାଳମାଳ କାକରଙ୍କ ବୁନ୍ଦାବୁନ୍ଦା ଝାଳ ।
ବାସ, ଏତିକି ବେଳେ ଅଟକାନି ମତେ !
ଅଟକିଲା ମାତ୍ରେ ହିଁ ମୁଁ ବରଗଛ
ମୋ ଡାଳସାରା ସାପ ଆଉ ପାପ
ମୂଳରେ ମୋ ଟଂଚକ ଦେବତା
ପତ୍ରରେ ପତ୍ରରେ ଦୁଃଖର ଶବଯାତ୍ରା ।
ଠିକ ଏତିକି ବେଳେ ହିଁ
ଗଛରୁ ଉଡିଯାଇଛି ପୁଅ ଚଢେଇ
ତା' ଡେଣାରେ ଚିତ୍ର ଆଙ୍କି ଚାଲିଛି
ଗୋଟାଏ ଅଲୋଡ଼ା ବର୍ଷାରାତି ।
ସମୁଦ୍ର ପରି ପ୍ରତୀୟମାନ କିଛି ଶବ୍ଦ
କୁନିପିଲାଙ୍କ ପ୍ରାର୍ଥନା ଶେଷରେ
ପାଲଟି ଗଲେଣି ସ୍ୱପ୍ନର ତରାଟ,
ଅଥଚ ଏତିକିବେଳେ ହିଁ କେହି
ଭିଡି ନେଉଛି ଲୋକଙ୍କୁ ଅବାଟରେ,
ଦେଶଦଶ, ଅକ୍ଷାଂଶ ଦ୍ରାଘିମା
ଗଛବୃଛ, ସମୁଦ୍ର ଓ ସବୁଜିମା
ମହମ ପରି ତରଳି ଗଲେଣି ଅଯଥାରେ !
ମହମ ପରି, ସଫେଦ ବରଫ ପରି ତରଳିବାଠୁ
ଆଉ କଣ'ବା ହୋଇପାରେ ନିଷ୍ଠୁର, ନିର୍ମମ ?

–ବୈଷ୍ଣୋ ମୋନାର୍କ ଆପାର୍ଟମେଣ୍ଟ,
ରସୁଲଗଡ଼, ଭୁବନେଶ୍ୱର
ମୋ: ୭୦୮୨୪୬୪୮୦୦




ତମନ୍ନା

# ସତ-ମିଛର ଖେଳ


ତମନ୍ନା ଭାଟିଆ ଏବେ ଦୋଛକିରେ ପଡିଯାଇଛନ୍ତି। ଶୁଣିବାକୁ ମିଳୁଛି ଯେ, ସେ ସାଇନ୍ କରିଥିବା ଏକ ନୂଆ ସିନେମାରେ ତାଙ୍କୁ କେତୋଟି ବୋଲ୍ଡ ଶଟ୍ ଦେବାକୁ ପଡିବ। ଏହା ପଛରେ କେତେ ସତ୍ୟତା ଅଛି ତାହା ତ ଅଲଗା କଥା, ହେଲେ ଏଭଳି ଆଲୋଚନା ତମନ୍ନାଙ୍କ ଟେନସନ ବଢ଼ାଇ ଦେଇଛି। ଏ ସମ୍ପର୍କରେ ସେ କହନ୍ତି, 'ମୋର ଏଭଳି ଶଟ୍‌କୁ ନେଇ କାହିଁକି ଏତେ ଆଲୋଚନା ହେଉଛି ତାହା ମୁଁ ଜାଣିପାରୁନାହିଁ। କାହାଣୀ ଅନୁସାରେ ମୋତେ ଶଟ୍ ଦେବାକୁ ପଡିବ। ସବୁଠାରୁ ଖାସ୍ କଥା ହେଲା କାହାଣୀକୁ ରଙ୍ଗୀନ କରିବାକୁ ଅଯଥା ଦୃଶ୍ୟକୁ ମୁଁ ସବୁବେଳେ ବିରୋଧ କରିଥାଏ। ଏହି ଫିଲ୍ମରେ ମୋତେ ଯେଉଁ ଭୂମିକାଟି ମିଳିଛି ତାହା ମୋ କ୍ୟାରିୟରକୁ ନୂଆ ମୋଡ ଦେବ ବୋଲି ଆଶା ରଖିଛି। ଅଯଥା ବୋଲ୍ଡ ଶଟ୍ ଦେବା ସପକ୍ଷରେ ମୁଁ ଆଦୌ ନ ଥାଏ। କିନ୍ତୁ ଏହି ଫିଲ୍ମରେ ଏଭଳି ଶଟ୍ କେତେ ରହିଛି ତାହା ମୁଁ ଜାଣିନି। ହେଲେ ମୁଁ ସବୁବେଳେ ଫିଲ୍ମର କାହାଣୀ ଏବଂ ସେଥିରେ ନିଜ ଭୂମିକାକୁ ଗୁରୁତ୍ୱ ଦେଇଥାଏ।' ଏହି ଫିଲ୍ମର ଟାଇଟଲ ଆସନ୍ତା ସପ୍ତାହରେ ଫାଇନାଲ ହୋଇପାରେ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

# ପ୍ରଶଂସିକା ହେବ ଏମିତି

ସତରେ, ପ୍ରଶଂସିକା ହେବ ତ ଏମିତି ! ଦେଖୁନାହାନ୍ତି ସୈଫ ତନୟା ସାରା ଅଲ୍ଲୀ ଖାଁ କେମିତି ନିଜ ସାବତ ମା' ତଥା ଅନ୍ୟତମ ଲୋକପ୍ରିୟ ଅଭିନେତ୍ରୀ କରୀନା କପୁରଙ୍କୁ ପ୍ରଶଂସା କରୁଛନ୍ତି। ସେ କୁଆଡେ ତାଙ୍କ କ୍ୟାରିୟରକୁ ଏକ ନୂଆ ମୋଡ ଦେଇଛନ୍ତି। ଏ ନେଇ ସାରା କହନ୍ତି, 'ଏବେ ମୁଁ ମୋ କ୍ୟାରିୟରର ଟିକିନିଖି କଥା କରୀନାଙ୍କ ସହ ଆଲୋଚନା କରୁଛି। ସେ ଦେଉଥିବା ଟିପ୍ସଗୁଡିକ ମୋ ପାଇଁ ବେଶ୍ ଶୁଭପ୍ରଦ ବି ସାବ୍ୟସ୍ତ ହୋଇଛି। ଅଭିନୟ ବିଷୟରେ ତାଙ୍କ ନିକଟରୁ ମୁଁ ଅନେକ କିଛି ଶିଖିଛି। କହିବାକୁ ଗଲେ ସେ ହେଉଛନ୍ତି ମୋ ଗୁରୁ। ଏହାବାଦ ମୁଁ କିପରି ଫିଟ୍ ରହିବି ସେ ନେଇ ମଧ୍ୟ ସେ ତୀକ୍ଷ୍ଣ ନଜର ରଖିଥାଆନ୍ତି। ଏକ୍ସରସାଇଜ, ଯୋଗ, ପ୍ରାଣାୟାମ ବ୍ୟତୀତ ଡାଏଟିଂ ପ୍ରତି ଗୁରୁତ୍ୱ ଦେବାକୁ ସେ ସବୁବେଳେ କହିଥାଆନ୍ତି। ଏ ନେଇ ତାଙ୍କୁ ମୁଁ ଯେତେ ପ୍ରଶଂସା କରିବି ତାହା କମ୍ ହେବ।' ସାରାଙ୍କ ବଡ ପରଦା କ୍ୟାରିୟର ଆରମ୍ଭ ହୋଇଥିଲା 'କେଦାରନାଥ' (୨୦୧୮)ରୁ। ଏବେ ତାଙ୍କ ହାତରେ ଥିବା ସିନେମାଗୁଡିକ ହେଲା 'ମେଟ୍ରୋ.. ଇନ୍ ଦିନୋ', 'ସ୍କାଏ ଫୋର୍ସ' ଏବଂ ଜଗନ ଶକ୍ତିଙ୍କର ଏକ ଅନଟାଇଟଲଡ୍ ଫିଲ୍ମ।

# ସ୍ପାଏ ଅନିଲ

ବଲିଉଡ୍‌ର ଅନ୍ୟତମ ନାମୀ ବ୍ୟାନର ହେଉଛି ଯଶରାଜ ଫିଲ୍ମସ (ୱାଇଆରଏଫ)। ଏହି ବ୍ୟାନର ଏବେ ରହସ୍ୟ ରୋମାଞ୍ଚ ଭରା କାହାଣୀକୁ ନେଇ ଏକ ହିନ୍ଦୀ ସିନେମା ନିର୍ମାଣ କରିବାକୁ ଯାଉଛି। ଏହି ଫିଲ୍ମର ଟାଇଟଲ ରହିଛି 'ସ୍ପାଏ ୟୁନିଭର୍ସ'। ସବୁଠାରୁ ଖାସ୍ କଥା ହେଲା, ଏଥିରେ ସ୍ପାଏ ଭୂମିକାରେ ଅଭିନୟ କରିବେ ଅନୀଲ କପୁର। ଏ ନେଇ ସେ କହନ୍ତି, 'ପ୍ରଯୋଜନା ସଂସ୍ଥା ପକ୍ଷରୁ ମୋତେ ଯୋଗାଯୋଗ କରାଗଲା ଆଉ ମୁଁ ଗ୍ରୀନ୍ ସିଗନାଲ ଦେବା ପରେ ମୋତେ ଖୋଦ୍ ଆଦିତ୍ୟ ଚୋପ୍ରା କାହାଣୀ ବିଷୟରେ ସୂଚନା ଦେଇଥିଲେ। କାହାଣୀ ଶୁଣିବା ପରେ ମୁଁ ତାଙ୍କୁ କହିଥିଲି ଯେ, ଫିଲ୍ମଟିକୁ ଦର୍ଶକ ନିଶ୍ଚୟ ପସନ୍ଦ କରିବେ। ଏବେ ମୁଁ ମୋ ଭୂମିକାକୁ କିପରି ସଫଳ କରାଇବି ସେ ନେଇ ନିଜକୁ ପ୍ରସ୍ତୁତ କରୁଛି।' ଏହି ଫିଲ୍ମରେ ଆଲିୟା ଭଟ୍ଟ ମଧ୍ୟ ଏକ ଭିନ୍ନ ଭୂମିକାରେ ଅଭିନୟ କରୁଛନ୍ତି। ତେବେ ବକ୍ସ ଅଫିସରେ ସିନେମାଟି କି କମାଲ କରୁଛି ତାହା ଦେଖିବାକୁ ବାକି ରହିଲା।


ଅନିଲ

# କେବଳ ଅନୁତାପ


ବେଳେବେଳେ ନିଜ ନିଷ୍ପତ୍ତି ପାଇଁ ପରବର୍ତ୍ତୀ ସମୟରେ ଅନୁତାପ କରିବାକୁ ପଡିଥାଏ। ତେଣୁ କୌଣସି ବିଷୟରେ ଶେଷ ନିଷ୍ପତ୍ତି ନେବା ପୂର୍ବରୁ ତାହାକୁ ଭଲ ଭାବରେ ତର୍ଜମା କରିବା ଦରକାର। କାରଣ ତରବର ହୋଇ ଯେଉଁ ଡିସିସନ ନିଆଯାଏ ଅନେକ ସମୟରେ ତାହା ଭୁଲ ପ୍ରମାଣିତ ହୋଇଯାଏ। ପଛରେ ସେକଥା ଭାବିବା ବେଳକୁ ହାତରେ କିଛି ନ ଥାଏ। ସେମିତି ଏକ ନିଷ୍ପତ୍ତିକୁ ନେଇ ଅନୁତାପ କରୁଛନ୍ତି ଦୀପିକା ପାଦୁକୋନ। କଥା କ'ଣ କି ଦୀପିକାଙ୍କୁ ନିକଟରେ ଏକ ନୂଆ ସିନେମାରେ ଅଭିନୟ କରିବାକୁ ଅଫର ମିଳିଥିଲା। କିନ୍ତୁ ଏହାକୁ ସେ ଗ୍ରହଣ କରି ନ ଥିଲେ। ଯେତେବେଳେ ସେ ଭାବିଲେ ଯେ, ତାଙ୍କର ଏଭଳି ନିଷ୍ପତ୍ତି ଠିକ୍ ନୁହେଁ। ଆଉ ଅଫରଟି ତାଙ୍କ କ୍ୟାରିୟରକୁ ବେଶ୍ ମାଇଲେଜ ଦେବ। ସେ ପ୍ରଯୋଜନା ସଂସ୍ଥା ସହ ପୁଣି ଥରେ ଯୋଗାଯୋଗ କରିଥିଲେ। ହେଲେ କ'ଣ ହେବ ? ସେତବେଳକୁ ନେଡି ଗୁଡ କହୁଣୀକୁ ବୋହି ଯାଇଥିଲା। ଅର୍ଥାତ୍, ସେହି ଅଫର ପାଇଁ ଆଉ ଜଣଙ୍କୁ ସାଇନ୍ କରାଯାଇ ସାରିଥିଲା। ଏ ବିଷୟରେ ଦୀପିକା କହନ୍ତି, 'ଯେତେବେଳେ ମୁଁ ଅଫରଟିକୁ ପ୍ରତ୍ୟାଖ୍ୟାନ କଲି ସେତେବେଳେ ତା'ପଛରେ କେତେକ କାରଣ ଥିଲା। କିନ୍ତୁ ପରେ ଭାବିଲି ଏଭଳି ଅଫରକୁ ହାତଛଡା କରିବା ଠିକ୍ ହେବ ନାହିଁ। ତେଣୁ ପୁଣି ଥରେ ପ୍ରଯୋଜକଙ୍କୁ ଯୋଗାଯୋଗ କଲି। ହେଲେ ସେତେବେଳକୁ ମୋ ସ୍ଥାନରେ ଆଉ ଜଣଙ୍କୁ ସାଇନ୍ କରାଯାଇ ସାରିଥିଲା। ଏଭଳି ଏକ ଭଲ ଅଫର୍ ହାତଛଡା ହୋଇଯିବା ପରେ ଏବେ କେବଳ ଅନୁତାପ କରିବା ହିଁ ସାର।'


ସାରା


ଦୀପିକା


# ସମୟ ମିଳିଲେ..

ଅଦିତି ରାଓ ହାଇଦରିଙ୍କୁ ସମୟ ମିଳିଲେ ସେ କ'ଣ କରନ୍ତି ? ଏହି ସମୟକୁ ସେ ନିଜ ବଗିଚାରେ ବିତାଇଥାଆନ୍ତି। ତା'ସହ କିଛି ସମୟ ଶପିଂ ପାଇଁ ମଧ୍ୟ ଦିଅନ୍ତି। ଏ ବିଷୟରେ ସେ କହନ୍ତି, 'ପିଲାଟି ଦିନରୁ ମୋର ଗାର୍ଡେନିଂ ପ୍ରତି ସଉକ ଥିଲା। ଏବେ ମୋତେ ଯେତେବେଳେ ସମୟ ମିଳେ ମୁଁ ସିଧା ମୋ ବଗିଚାକୁ ଯାଇଥାଏ। ସେଠାରେ ଫୁଲଗଛଗୁଡିକର ଯତ୍ନ ନିଏ। ନୂଆ ଫୁଲଗଛ ମଧ୍ୟ ଲଗାଏ। ଏହାବ୍ୟତୀତ ଶପିଂ ପାଇଁ କିଛି ସମୟ ଦିଏ। ବଳକା ସମୟରେ ମହାପୁରୁଷଙ୍କ ଜୀବନୀ ପଢ଼ିଥାଏ। ନୀତିଶିକ୍ଷାମୂଳକ ବହି ପଢ଼ିବା ମୋର ପିଲାଟି ଦିନରୁ ଅଭ୍ୟାସ। ଏବେ ମଧ୍ୟ ତାହାକୁ ମୁଁ ଜାରି ରଖିଛି।' ଅଦିତିଙ୍କ ଆକ୍ଟିଂ କ୍ୟାରିୟର ଆରମ୍ଭ ହୋଇଥିଲା ଏକ ମାଲାୟାଲାମ ଫିଲ୍ମରୁ, ଯାହାର ଟାଇଟଲ ଥିଲା 'ପ୍ରଜାପତି' (୨୦୦୬)। ଅଭିନୟ କରିବା ପୂର୍ବରୁ ସେ ଭାରତନାଟ୍ୟମ ସହ ଜଡିତ ଥିଲେ। ୨୦୦୯ରେ ସେ ବଲିଉଡ୍‌ରେ ଏଣ୍ଟ୍ରି କରିଥିଲେ। ଆଉ ଫିଲ୍ମଟି ଥିଲା 'ଦିଲ୍ଲୀ ୬'। ତା'ପରେ ସେ 'ଧୋବିଘାଟ', 'ରକ୍‌ଷ୍ଟାର', 'ମର୍ଡର ୩', 'ବସ୍', 'ଖୁବସୁରତ' ଆଦିରେ ଅଭିନୟ କରିଛନ୍ତି। ବେଶ୍ କେତୋଟି ତାମିଲ ଏବଂ ତେଲୁଗୁ ସିନେମାରେ ମଧ୍ୟ ସେ ଆକ୍ଟିଂ କରିଛନ୍ତି। ଏବେ ସେ ଅଭିନୟ କରୁଥିବା ହିନ୍ଦୀ ସିନେମା 'ଗାନ୍ଧୀ ଟକ୍‌ସ'ର ଶୁଟିଂ ଚାଲୁ ରହିଛି। ଏହାବ୍ୟତୀତ 'ଲାୟୋନେସ୍' ନାମକ ଏକ ବ୍ରିଟିଶ ଇଣ୍ଡିଆନ୍ ଫିଲ୍ମରେ ମଧ୍ୟ ତାଙ୍କୁ ଦେଖିବାକୁ ମିଳିବ।


ଅଦିତି

# ସୂର୍ଯ୍ୟକାନ୍ତଙ୍କ ନୂଆ ଯୋଜନା

ସେ ଏକାଧାରରେ ଜଣେ ପ୍ରଯୋଜକ ଏବଂ ଅଭିନେତା। ପ୍ରଥମେ ଆକ୍ଟିଂ ପାଇଁ ଓଲିଉଡ୍‌ରେ ପାଦ ଦେଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ସିନେମା ପ୍ରଯୋଜନା କରିବାକୁ ଇଚ୍ଛା ପ୍ରକାଶ କଲେ ଏବଂ ତାହାକୁ ସଫଳ ରୂପାୟନ ମଧ୍ୟ କଲେ। ନିଜ ହୋମ ବ୍ୟାନର ସୂର୍ଯ୍ୟ ଏଣ୍ଟରଟେନମେଣ୍ଟରେ ସେ ଏପର୍ଯ୍ୟନ୍ତ ଦୁଇଟି ସିନେମା- 'ଗୁଛୁ ଆଣ୍ଡ ଗୁଛି' ଏବଂ 'ବାଳୀ'ର ପ୍ରଯୋଜନା କରିସାରିଛନ୍ତି। ହଁ, ସେ ହେଉଛନ୍ତି ସୂର୍ଯ୍ୟକାନ୍ତ ସାମଲ। କେବଳ ସେତିକି ନୁହେଁ, ଏହି ଦୁଇଟି ସିନେମାରେ ସେ ନିଜେ ଅଭିନୟ ବି କରିଥିଲେ। ନିଜର ନୂଆ ଯୋଜନା ବିଷୟରେ ସେ କହନ୍ତି, ''ମୁଁ ସବୁବେଳେ ନୂଆ ତଥା ଭିନ୍ନ ଧରଣର କାହାଣୀକୁ ନେଇ ସିନେମା ନିର୍ମାଣ କରିବାକୁ ପସନ୍ଦ କରିଥାଏ। ମୋ ଦ୍ୱାରା ପ୍ରଯୋଜିତ ଦୁଇଟି ଫିଲ୍ମର କାହାଣୀ ଚୟନ ସମୟରେ ମୋତେ ବେଶ୍ ପରିଶ୍ରମ କରିବାକୁ ପଡିଥିଲା। ବର୍ତ୍ତମାନ ଏଭଳି କେତେକ ସାମ୍ପ୍ରତିକ ଘଟଣାବଳୀ ରହିଛି, ଯାହାକୁ ଆଧାର କରି ଏକ ସୁନ୍ଦର ତଥା ହୃଦୟସ୍ପର୍ଶୀ ଓଡ଼ିଆ ସିନେମା ନିର୍ମାଣ କରାଯାଇପାରିବ। ଏଭଳି କାହାଣୀ ଫାଇନାଲ ହେବା ଦରକାର ଯାହା ଦର୍ଶକଙ୍କୁ ଶତ ପ୍ରତିଶତ ମନୋରଞ୍ଜନ ଦେଉଥିବ। ଏବେ 'ଆବାସ' ନାମକ ଏକ ସଦ୍ୟ ଘଟଣା ଉପରେ ସିନେମାଟିଏ ପ୍ରସ୍ତୁତ କରୁଛି। ଆବାସ ଯୋଜନାକୁ ନେଇ କାହାଣୀ ଗତିଶୀଳ। ଏହାବ୍ୟତୀତ ଆଉ ଦୁଇଟି ନୂଆ କାହାଣୀକୁ ଚୂଡାନ୍ତ ରୂପରେଖ ଦିଆଯାଉଛି।'' ତେବେ ସୂର୍ଯ୍ୟକାନ୍ତଙ୍କ ନୂଆ ଯୋଜନା ତାଙ୍କୁ କେତେ ସଫଳତା ଦେଉଛି ତାହା ଦେଖିବାକୁ ବାକି ରହିଲା।


ସୂର୍ଯ୍ୟକାନ୍ତ

# ହସ ନୁହେଁ ସେ ତ ମାୟାର ଫାଶ, ତହିଁରୁ ଝରୁଛି ପ୍ରେମର ରସ

**ପ୍ରଶ୍ନ**–ମୋତେ ଜଣେ ଝିଅ ଭଲ ପାଉଛି ବୋଲି କେମିତି ଜାଣିବି। ସେ ମୋତେ ଯେତେବେଳେ ଦେଖୁଛି ଖାଲି ହସି ଦେଉଛି। ଏ ନେଇ ମୋତେ କିଛି ଟିପ୍ସ ଦେବେ କି ?

*–କୁନାଲ, କେନ୍ଦ୍ରାପଡା*

**ଉତ୍ତର:** ଯଦି ସେପଟୁ କିଛି ଇସାରା ପାଉଛନ୍ତି ତେବେ ତାହାକୁ ଭଲ ଭାବରେ ତର୍ଜମା କରନ୍ତୁ। କାରଣ ବେଳେବେଳେ ଭଲ ସୁଯୋଗ ଥରେ ଆସେ। ଯଦି ତାହାକୁ ହାତଛଡା କରନ୍ତି, ତେବେ କିଏ ଜାଣେ ପୁଣି ଥରେ ସେହି ସୁନେଲି ମୁହୂର୍ତ୍ତ କେବେ ଆସିବ। ଆପଣ ବୋଧହୁଏ କାହାର ଲାଜୁଆ ହସରେ ପାଗଳ। 'ହସ ନୁହେଁ ସେ ତ ମାୟାର ଫାଶ, ତହିଁରୁ ଝରୁଛି ପ୍ରେମର ରସ।' ଯଦି ମନର ମାନସୀ ପଟରୁ ସିଗନାଲ ଗ୍ରୀନ୍ ରହିଛି ତେବେ ଯେତେ ଶୀଘ୍ର ବହି ଫିଟ୍ କରିଦିଅନ୍ତୁ। ନ ହେଲେ ମାରିନେବେ ମହାପାତ୍ରେ ଚାହିଁଥିବେ ଜଳକା !

**ପ୍ରଶ୍ନ**–ମୋତେ ଦୁଇ ଜଣ ଝିଅ ଏକାଠି ଦେଖି ହସୁଛନ୍ତି। ଏବେ ମୁଁ ଦୁହିଁଙ୍କ ପ୍ରେମରେ ପଡିଯାଇଛି। ହେଲେ ଜଣକୁ ତ ମୋତେ ଆପଣେଇବାକୁ ପଡିବ। ଏବେ ମୁଁ କ'ଣ କରିବି ?

*–ଅସୀତ କୁମାର, ରାଉରକେଲା*

**ଉତ୍ତର:** ପ୍ରେମ କରିବା ସମୟରେ କଦାପି ଦୁଇ ନାଆରେ ଗୋଡ ରଖିବେ ନାହିଁ। ଯଦି ପ୍ରେମ ଫାସରେ ଦୁଇ ଜଣକୁ ବାନ୍ଧନ୍ତି ତେବେ ଭବିଷ୍ୟତରେ ସବୁକିଛି ଅଡୁଆ ତଡୁଆ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ତେଣୁ ଆରମ୍ଭରୁ ଏପରି ପ୍ରୋବ୍ଲେମ୍‌ର ସମାଧାନ କରିଦିଅନ୍ତୁ। ଯୁଆଡେ ହେଲେ ଗୋଟିଏ ପଟକୁ ଢ଼ଳନ୍ତୁ। ନ ହେଲେ ଏମିତି ସମୟ ଆସିବ ଆପଣ ଚାହିଁ ରହିଥିବେ ଦୁଇ ସୁନ୍ଦରୀ ଆପଣଙ୍କୁ ଜୋର୍ କା ଝଟ୍‌କା ଧୀରେସେ ଦେଇ ଫୁର୍ କିନା ଉଡିଯିବେ। ସେତେବେଳେ ଆପଣଙ୍କ ଦରଦୀ ଆଖିରୁ ଝରୁଥିବା ଲୁହକୁ ପୋଛିବାକୁ କେହି ନ ଥିବେ।

**ପ୍ରଶ୍ନ**–ପ୍ରେମ ନିଶା କ'ଣ ସତରେ ଗାଢ଼ ? ଏକଥା କେମିତି ଜାଣିବି ?

*–ପ୍ରସନ୍ନ ଦାସ, ଢ଼େଙ୍କାନାଳ*

**ଉତ୍ତର:** ପ୍ରେମ ନିଶା କେତେ ଗାଢ଼ ଯିଏ ଅନୁଭବ କରିଛି ସିଏ ଜାଣିଛି। କଥାରେ ପରା ଅଛି–ପ୍ୟାର୍ କା ଲଡ୍ଡୁ, ଜୋ ଖାୟା ପସ୍ତାୟା, ଜୋ ନେହିଁ ଖାୟା ୱ ଭି ପସ୍ତାୟା। ତେଣୁ କେବଳ ଭଲ ପାଇଲେ ହେବନାହିଁ, ସେଥିରେ ସେପରି ଆତ୍ମୀୟତା ରହିବା ଦରକାର। ଯଦି ପ୍ରେମ କେବଳ ନାମକୁ ମାତ୍ର କି ଏକତରଫା କରୁଥାଆନ୍ତି ତେବେ ତାହାର ସ୍ୱାଦ ସବୁବେଳେ ପାଣିଚିଆ। ନିଜ ପ୍ରେମ ଆଉ ପ୍ରେମିକା ଉପରେ ଶତ ପ୍ରତିଶତ ବିଶ୍ୱାସ ରଖନ୍ତୁ। ପ୍ରେମରେ ଯେମିତି ଅବିଶ୍ୱାସର ଭାଇରସ୍ ଏଣ୍ଟ୍ରି ନ କରେ ସେଥିପ୍ରତି ସତର୍କ ରୁହନ୍ତୁ। ନ ହେଲେ ସେହି ପ୍ରେମର କେତେବେଳେ ଦି ଏଣ୍ଡ୍ ହୋଇଯିବ ନିଜେ ବି ଚିନ୍ତା କରିପାରିବେ ନାହିଁ।

**ପ୍ରଶ୍ନ**–ଜଣେ ଝିଅ ମୋତେ କିଛି କହିବାକୁ ଚାହୁଁଛି। ହେଲେ କହୁନି କାହିଁକି ?

*–ସୁଜିତ ନାୟକ, ପୁରୀ*

**ଉତ୍ତର:** ସେ ବୋଧହୁଏ ଆପଣ କହିଥିବା ମନର କଥାକୁ ତର୍ଜମା କରୁଛି। ସେ ହୁଏତ କିଛି ଭଲ ହେଉ କି ମନ୍ଦ କଥା କହିବାକୁ ଚାହୁଁଛି। ହେଲେ ସାହସ ଜୁଟାଇ ପାରୁନି। ଯଦି ସେ ଆପଣଙ୍କୁ ପ୍ରେମ ଜାଲରେ ଫସାଇବାକୁ ଚାହୁଁଛି, ତେବେ ଏହାର ଅର୍ଥ ଆପଣ ତାଙ୍କର ଚାହାଣୀ, କଥାବାର୍ତ୍ତା ଶୈଳୀରୁ ଅନୁମାନ କରିପାରିବେ। ଅନ୍ୟପକ୍ଷରେ ସେ ଝିଅଟି ଯଦି କିଛି କହିବାକୁ ବିଳମ୍ବ କରୁଛି, ତେବେ ଆପଣ ଅଧୈର୍ଯ୍ୟ ହେଉଛନ୍ତି କିଆଁ ? ନିଜର ଆଗ୍ରହ, ଉତ୍ସାହରେ ଟିକେ ଲଗାମ ଦିଅନ୍ତୁ। ହୁଏତ ବିଳମ୍ବରେ ଆପଣଙ୍କୁ ଶୁଭ ଖବର ମିଳିପାରେ !

ସାଥୀ



## ପ୍ରଥମ ରୋଜଗାର

# ପ୍ରଥମ ରୋଜଗାର ବୋଉକୁ ଦେଇଥିଲି



ସାହିତ୍ୟିକ ତଥା ଶିକ୍ଷାବିତ୍ **ଲଳିତ କୁମାର ସ୍ୱାଇଁ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

**ମୋ**ର ଜନ୍ମ ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ନନ୍ଦଳା ଗ୍ରାମରେ। ମାତା ପାର୍ବତୀ ସ୍ୱାଇଁ ଓ ପିତା ଭିକାରୀ ସ୍ୱାଇଁଙ୍କର ତିନିପୁଅଙ୍କ ଭିତରେ ମୁଁ ହେଲି ବଡ଼। ଗାଁ ସ୍କୁଲରୁ ମାଟ୍ରିକ୍ ପାସ୍ କରିବା ପରେ କନ୍ଦଖାଇ କଲେଜରେ ଯୁକ୍ତ ଦୁଇ ଓ ପରେ ଖଲ୍ଲିକୋଟ ଆର୍‌ସିଏମ୍ କଲେଜରେ ପଦାର୍ଥ ବିଜ୍ଞାନରେ ଯୁକ୍ତ ତିନି ପଢିଥିଲି। କିନ୍ତୁ ଘରର ଦୁର୍ବଳ ଆର୍ଥିକାବସ୍ଥା ପାଇଁ ବାଧ ହୋଇ ଅଧାରୁ ପାଠପଢା ଛାଡ଼ି ସିଟି ଟ୍ରେନିଂ ନେଲି। ତା'ପରେ କିଛିଦିନ ବେସରକାରୀ ଭାବେ ନିଜ ଗାଁ ପ୍ରାଇମେରୀ ସ୍କୁଲରେ ଶିକ୍ଷକତା କରିବା ସହ କୋଚିଂ ସେଣ୍ଟରରେ ମଧ୍ୟ ପିଲାଙ୍କୁ ପଢାଉଥିଲି ; ଯେଉଁଥିରୁ ପ୍ରାୟ ୭୦୦ ଟଙ୍କା ମୋର ମାସକୁ ରୋଜଗାର ହୋଇଯାଉଥିଲା। ଘରର ବଡ଼ ପୁଅ ହିସାବରେ ଦୁଇ ଭାଇଙ୍କ କଥା ବୁଝିବା ଓ ଘରର ଦାୟିତ୍ୱ ନେବା ମୋର କର୍ତ୍ତବ୍ୟ ବୋଲି ବୋଉ ମୋତେ ସବୁବେଳେ ବୁଝାଉଥିଲା। ସେଥିପାଇଁ ପ୍ରତିମାସ ମୋର ଯାହା ରୋଜଗାର ହେଉଥିଲା ସେଥିରୁ ୮୦% ବୋଉକୁ ଦେଇ ବାକି ଟଙ୍କାକୁ ସଞ୍ଚୟ କରୁଥିଲି ଆଗକୁ ପୁଣିଥରେ ପଢା ଆରମ୍ଭ କରିବା ପାଇଁ। ଏମିତି କିଛିଦିନ ଚାଲିବା ପରେ ପୁଣିଥରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳରେ ଆଡମିଶନ୍ ନେଲି ଯୁକ୍ତ ତିନି ପଢିବା ପାଇଁ। ସୌଭାଗ୍ୟବଶତଃ ପଢା ସରିଲାବେଳକୁ ମୋତେ ସରକାରୀ ଚାକିରି ବି ମିଳିଗଲା। ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ବ୍ଲକ୍ ଅନ୍ତର୍ଗତ ଭୁତସରସିଙ୍ଗି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବିଜ୍ଞାନ ଶିକ୍ଷକ ଭାବେ ୨୦୧୧ରେ ନିଯୁକ୍ତି ପାଇଲି ; ଯେଉଁଠାରେ ଏବେ ବି ମୁଁ କାର୍ଯ୍ୟରତ। ତେବେ ଚାକିରିର ପ୍ରଥମ ଦରମାରେ ଅଲେଶ୍ୱର ମନ୍ଦିରରେ ଅନ୍ନ ଭୋଗ କରି ଗାଁ ଲୋକଙ୍କୁ ଖାଇବାକୁ ଦେଇଥିଲି। ସମସ୍ତେ ଖୁବ୍ ଖୁସି ହୋଇଥିଲେ। ଏ ତ ଥିଲା ମୋ ବୃତ୍ତିଗତ କଥା। ଏହାବାଦ୍ ଜଣେ ସାହିତ୍ୟିକ ହିସାବରେ ମୋର ଆଉ ଏକ ପରିଚୟ ମଧ୍ୟ ରହିଛି। ପ୍ରେମିକ କବି ପଦ୍ମଶ୍ରୀ ମାୟାଧର ମାନସିଂହଙ୍କ କବିତାକୁ ପଢିପଢି ସପ୍ତମ ଶ୍ରେଣୀରୁ କବିତା ଲେଖିବା ଆରମ୍ଭ କରିଥିଲି। କ୍ରମେ ଗପ, ଉପନ୍ୟାସ ଓ ନାଟକ ମଧ୍ୟ ଲେଖିଲି। ୟା' ଭିତରେ 'କଇଁ', 'ଅମୃତ ମୋହ', 'ରିହା' ଶୀର୍ଷକ କବିତା ସଂକଳନ 'ଅଳପ ଦିନର ସାଥି', 'ଶ୍ମଶାନ ସାଥି', 'ପାପୁଲିରେଖା', 'ଗୋହରି' ଶୀର୍ଷକ ଗଳ୍ପ ସଂକଳନ ତଥା 'ଆକାଶଗଙ୍ଗା' ଶୀର୍ଷକ ଏକ ଉପନ୍ୟାସ ମୋର ପ୍ରକାଶ ପାଇସାରଛି। ତା'ସହିତ 'ଏଇ ସହକାର' ନାମକ ମୋର ନିଜର ଏକ ପତ୍ରିକା ମଧ୍ୟ ଅଛି ; ଯାହା ବର୍ଷକୁ ୪ଥର ପ୍ରକାଶ ପାଉଛି। ସେହିପରି 'ସ୍ମୃତି ଆଇନା' ଓ 'ସ୍ମୃତି ଅପାସୋରା' ପ୍ରତିକାର ମୁଖ୍ୟ ସମ୍ପାଦକ ଏବଂ 'ଜ୍ଞାନପ୍ରଭା' ପତ୍ରିକାର ସହ ସମ୍ପାଦକ ଦାୟିତ୍ୱ ମଧ୍ୟ ମୁଁ ତୁଲାଉଅଛି। କେବଳ ସେତିକି ନୁହେଁ ଯୁବପିଢିଙ୍କୁ ସାହିତ୍ୟ ମନସ୍କ କରିବା ଓ ଓଡ଼ିଆ ଭାଷା ସାହିତ୍ୟ ପ୍ରତି ଆଗ୍ରହ ସୃଷ୍ଟି କରିବାର ଲକ୍ଷ ନେଇ ଅଧୁନା ମାନସିଂହ ସାହିତ୍ୟ ସଂସଦର ସମ୍ପାଦକ ରୂପେ ପ୍ରତି ମାସରେ କବିତା ଆସର ମଧ୍ୟ ଆୟୋଜନ କରୁଛି। ଆଉ ମୋ ପାଇଁ ସବୁଠୁ ବଡ଼ ଖୁସିର କଥା ହେଉଛି, ସେ କବିତା ଆସର ଆୟୋଜନ ହେଉ କି ସାହିତ୍ୟ କାର୍ଯ୍ୟକ୍ରମ ସବୁଥିରେ ମୋ ପରିବାର ଲୋକେ, ଗୁରୁଶ୍ରେଷ୍ଠମାନେ ତଥା ଗାଁର ଓ ଅନୁଷ୍ଠାନର ପ୍ରତେକ ସଦସ୍ୟ ବିନା ଦ୍ୱିଧାରେ ମୋତେ ସହଯୋଗ କରି ଆସୁଛନ୍ତି। ସେଥିପାଇଁ ମୁଁ ସମସ୍ତଙ୍କ ପାଖରେ କୃତଜ୍ଞ୍ୟ।





# ମାଇପି ମେଳା



ଗୁହାରିଆ ପଡ଼ିଲେ ମାନସିକ ପୂରଣ ହୋଇଥାଏ । ଅନ୍ଧବିଶ୍ୱାସ ହେଉ କି ବିଶ୍ୱାସ, ଏଭଳି ଏକ ପ୍ରଥା କିନ୍ତୁ ପ୍ରଚଳିତ ହୋଇଆସୁଅଛି କାହିଁ କେବେଠୁ। ପୁରାଣ ବର୍ଣ୍ଣିତ ନୁହେଁ, କିନ୍ତୁ ଇତିହାସକୁ ପର୍ଯ୍ୟାଲୋଚନା କଲେ ଏଭଳି ଏକ ପ୍ରାଚୀନ ପରମ୍ପରା ନିମାପଡ଼ା ଅଞ୍ଚଳରେ ପ୍ରଚଳିତ ହୋଇଆସୁଛି। ଯାହା 'ମାଇପିମେଳା'ଭାବେ ବିଖ୍ୟାତ। ନିମାପଡ଼ା ବ୍ଲକ ଅଧୀନ କାନପୁର ଏବଂ ନୀଳଗିରି ସାହି ମଧ୍ୟବର୍ତ୍ତି ସ୍ଥଳରେ ଥିବା ଗହୀର ମଧ୍ୟରେ ଅନୁଷ୍ଠିତ ହୋଇଥାଏ ଶ୍ରୀ ବଟଗୋସାଇଁ 'ମାଇପିମେଳା' । ଚୈତ୍ର ମାସ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ତିଥିରେ ଏହି ମେଳାର ଆୟୋଜନ ହୋଇଥାଏ । ଗହୀର ମଧ୍ୟବର୍ତ୍ତି ସ୍ଥଳରେ ଥିବା ବଟବୃକ୍ଷ ମୂଳେ ଥିବା କେତେକ ବୃକ୍ଷକୁ ଏଠାରେ ପୂଜା କରାଯାଉଥିବାରୁ ଏହାକୁ 'ବଟ ଗୋସାଇଁ ମାଇପି ମେଳା' କୁହାଯାଏ । ଏଠାରେ ମାନସିକ ରଖି ଗୁହାରିଆ ପଡିଲେ ମନୋସ୍କାମନା ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି। ସେଥିପାଇଁ ଚୈତ୍ର ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ତିଥିରେ ସୂର୍ଯ୍ୟ ଉଦୟ ପୂର୍ବରୁ ମହିଳା ଏବଂ ପୁରୁଷ ଶୁଦ୍ଧପୁତ ଭାବେ ନୂତନ ବସ୍ତ୍ର ପରିଧାନ ପୂର୍ବକ ନିର୍ଜଳ କାଷ୍ଠାରେ ମାନସିକ ରଖି ଗୁହାରିଆ ପଡିଥାନ୍ତି । ଏହି ଗୁହାରିଆଙ୍କ ମଧ୍ୟରେ ମହିଳାଙ୍କ ସଂଖ୍ୟା ଅଧିକ ଥାଏ। ମଧ୍ୟାହ୍ନରେ ପୂଜକ ପାଦୁକ ଏବଂ ପଣା ଦେଇ ମାନସିକଧାରୀଙ୍କ ବ୍ରତ ଭଙ୍ଗ କରିଥାନ୍ତି । ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ଏଠାରେ ପିଲାମାନଙ୍କର ମୁଣ୍ଡନ ମଧ କରାଯାଇଥାଏ । ଏହି ମେଳାରେ ପାଖାପାଖି ଅଞ୍ଚଳରୁ ଶହଶହ ସଂଖ୍ୟାରେ ଶ୍ରଦ୍ଧାଳୁ ଆସିଥାନ୍ତି । ମେଳା ୨ ଦିନ ଧରି ଚାଲେ । ଶ୍ରଦ୍ଧାଳୁମାନଙ୍କ ଦାନ ଦକ୍ଷିଣାରେ ମେଳା ଅନୁଷ୍ଠିତ ହୋଇଥାଏ ବୋଲି ବଟ ଗୋସେଇଁ ମାଇପିମେଳା ଟ୍ରଷ୍ଟ ସୂଚନା ଦେଇଛନ୍ତି । ମାଇପିମେଳାର ମାହାତ୍ମ୍ୟ ବହୁପ୍ରାଚୀନ । ପୂର୍ବରୁ ଏଠାକୁ ରାସ୍ତା ଘାଟ ନ ଥିଲା । ବହୁ କଷ୍ଟ ସ୍ୱୀକାର କରି ମାନସିକ ଧାରୀମାନେ ଏଠାକୁ ଆସୁଥିଲେ । ଏବେ ପରିସ୍ଥିତି ବଦଳି ଯାଇଛି । ମେଳା ସ୍ଥଳୀକୁ ରାସ୍ତା ନିର୍ମାଣ ହୋଇଛି । ଫଳରେ ଶ୍ରଦ୍ଧାଳୁଙ୍କ ସଂଖ୍ୟା ବୃଦ୍ଧି ପାଉଛି ବୋଲି କହିଛନ୍ତି ଟ୍ରଷ୍ଟର ସଦସ୍ୟ ସୁଧୀର ମହାନ୍ତି। ଟ୍ରଷ୍ଟ ଗଠନ ହେବା ପରେ ମେଳା ପୀଠର ଉନ୍ନତୀକରଣ ସମ୍ଭବ ହୋଇପାରିଛି । ମାନସିକ ପୂରଣ ହେଉଥିବାରୁ ଏଠାରେ ପ୍ରତି ବର୍ଷ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳୁଛି। ଗୁହାରିଆ ପଡିବା ସହିତ ଖଇ, ଚୁଡାଘଷା ଭୋଗ ସଙ୍ଗରେ ପୀଠରେ ବାନା ବାନ୍ଧିଲେ ମନୋସ୍କାମନା ପୂର୍ଣ୍ଣ ହୋଇଥାଏ ବୋଲି କୁହନ୍ତି ଅଞ୍ଚଳ ବାସିନ୍ଦା ନିରଦ ବରଣ ଖୁଣ୍ଟିଆ । ତେବେ ଏହି ମାଇପିମେଳାରେ ଅଧିକ ସଂଖ୍ୟକ ମହିଳାମାନଙ୍କର ସମାଗମ ହେବା ସହ ସେମାନେ ତାଙ୍କ ଘରକରଣା ଓ ମନୋହରୀ ଜିନିଷ ଏହି ମେଳାରୁ କିଣିଥାନ୍ତି।






# ପୋଲିସ-ଜନତାଙ୍କ ସୁସମ୍ପର୍କର ସେତୁ ଏହି ପରମ୍ପରା

ପୁରୀ ଜିଲାର ନିମାପଡ଼ା ଅଞ୍ଚଳରେ କାହିଁ କେଉଁ କାଳରୁ ପ୍ରଚଳିତ ହୋଇଆସିଛି ପ୍ରାଚୀନ ପରମ୍ପରା ବସନ୍ତରାସ ଓ ଗୋବର୍ଦ୍ଧନ ପୂଜା । ଚୈତ୍ର ଶୁକ୍ଳ ଦଶମୀ ତିଥିରୁ ବୈଶାଖ ଦ୍ୱିତୀୟା ପର୍ଯ୍ୟନ୍ତ ଉତ୍ସବ ମୁଖର ହୋଇପଡ଼େ ନିମାପଡ଼ା ଅଞ୍ଚଳ । ପ୍ରଥମେ ରାସବିହାରୀ ମଠ ପକ୍ଷରୁ ୫ଦିନ ବ୍ୟାପୀ ବସନ୍ତ ରାସ ଅନୁଷ୍ଠିତ ହୋଇଥାଏ। ଚୈତ୍ର ପୂର୍ଣ୍ଣିମା ପରେ ବୈଶାଖ ଦ୍ୱିତୀୟାରେ ଗୋବର୍ଦ୍ଧନ ପୂଜା ବା ଗୋଧନ ବାହୁଡା ଅନୁଷ୍ଠିତ ହୋଇଥାଏ । ଶ୍ରୀ ଶ୍ରୀ ମଦନମୋହନ ଏବଂ ରାଧାକୃଷ୍ଣ ୨ଟି ସୁସଜ୍ଜିତ ବିମାନରେ ଅପରାହ୍ନରେ ନଗର ପରିକ୍ରମା କରି ବିଭିନ୍ନ ସ୍ଥାନରେ ଚାଚେରି ପଣା ଭୋଗ ଆଘ୍ରାଣ କରି ସନ୍ଧ୍ୟାରେ ପ୍ରହରାଜସାହି ନିକଟସ୍ଥ କୁଶଭଦ୍ରା ତଟରେ ବିରାଜ ମାନ କରିଥାନ୍ତି। ପ୍ରଭୁଙ୍କ ସହିତ ମାନସିକଧାରୀ ରାସ ପିଲାମାନେ ପ୍ରଭୁ ରାଧାକୃଷ୍ଣ, ସଖୀ ଏବଂ ସୁଦାମା ବେଶରେ ନଗରପରିକ୍ରମା କରିଥାନ୍ତି । ନଦୀରେ ସୂର୍ଯ୍ୟ ପୂଜା ଶେଷ ହେବାପରେ ଏକ ବିରାଟ ପାଟୁଆରରେ ଠାକୁରମାନେ ନିମାପଡ଼ା ଥାନା ନିକଟସ୍ଥ ବିଜେ ସ୍ଥଳୀକୁ ବିଜେ କରିଥାନ୍ତି । ଏହାକୁ ଥାନା ମେଳଣ ମଧ କୁହାଯାଏ । ପୋଲିସ ଏବଂ ଜନ ସାଧାରଣଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ ଏହାର ମୁଖ୍ୟ ଉଦ୍ଦେଶ୍ୟ । ୫ ଦିନ ବ୍ୟାପୀ ରାସବିହାରୀ ମଠ ପରିସରରେ ଥିବା ରାସ ସ୍ଥଳୀକୁ ଠାକୁରମାନେ ବିଜେ କରିଥାନ୍ତି । ପ୍ରତ୍ୟହ ମଧ ରାତିରେ ରାସ ସଂଗୀତ ସହିତ ଠାକୁରଙ୍କ ସମ୍ମୁଖରେ ନୃତ୍ୟ ପରିବେଷଣ କରାଯାଇଥାଏ । ଚୈତ୍ର ଶୁକ୍ଳ ଦଶମୀ ତିଥିରୁ ବୈଶାଖ ଦ୍ୱିତୀୟା ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ଉତ୍ସବ ବହୁ ପ୍ରାଚୀନ ବୋଲି କୁହନ୍ତି ରାସବାଡ଼ି ମଠର ମଠାଧୀଶ ଶ୍ରୀ ଅନନ୍ତ ନାରାୟଣ ଦାଶ । ପୋଲିସ ଏବଂ ଜନସାଧାରଣଙ୍କ ମଧ୍ୟରେ ସୁସମ୍ପର୍କ ପ୍ରତିଷ୍ଠା ପାଇଁ ଗୋଧନ ବାହୁଡା ପରମ୍ପରା ପ୍ରଚଳିତ ହୋଇଆସୁଅଛି ବୋଲି କୁହନ୍ତି ନିମାପଡ଼ା ଥାନା ଆଇଆଇସି ବାମଦେବ ସ୍ୱାଇଁ ।

–ରଞ୍ଜନ କୁମାର ପଟ୍ଟନାୟକ









ପ୍ରିୟଙ୍କା

## ହାଃ ହାଃ

### ଭଲ କାମ

ଜଜ୍ ଅପରାଧୀକୁ– ତମେ ଜୀବନରେ କିଛି ଭଲ କାମ କରିଛ ?
ଅପରାଧୀ–ହଁ। ମୁଁ ଓ ମୋ ଭଳି ଅପରାଧୀଙ୍କ ପାଇଁ ତ ପୋଲିସ ଓ ଅଦାଲତରେ ଅନେକ ଲୋକ କାମ ପାଇଛନ୍ତି।

### ଦେଖିଛି


ତାପସ ଜଣେ ବ୍ୟକ୍ତିଙ୍କୁ ଦେଖି– ଆପଣ ବହୁତ ଚିହ୍ନା ଚିହ୍ନା ଲାଗୁଛନ୍ତି। ଆପଣ ମୋ ଫେସ୍‌ବୁକ୍ ଫ୍ରେଣ୍ଡ ନା ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ଅଛନ୍ତି ?
ବ୍ୟକ୍ତି– ନା, ମୁଁ ଆପଣଙ୍କ ପଡୋଶୀ।


### ଏକ ଘଣ୍ଟା

ମୋନା ସୋନିକୁ– ତୁ ଆଜି ଫୋନ୍‌ରେ ମାତ୍ର ୧ ଘଣ୍ଟା ଗପିଲୁ। ତତେ ତ ମୁଁ କେବେ ୪–୫ ଘଣ୍ଟାରୁ କମ୍ ସମୟ ଗପିବା ଦେଖିନି।
ସୋନି– କ'ଣ କରିବି, ଏଇଟା ପରା ରଙ୍ଗ ନମ୍ବର ଥିଲା ।

ମଡେଲ ମିରର୍ ପାଇଁ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି–୧୫ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ ଫୋନ ନଂ: (୦୬୭୪) ୨୫୮୦୧୦୧ **ଫଟୋ ସୌଜନ୍ୟ: କୁମାର ଶରତ, ଧରିତ୍ରୀ**

**ସୂଚନା:** ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

# କେରଳ ବ୍ୟାକ୍ ୱାଟର୍

କେରଳ ହେଉଛି ଏମିତି ଏକ ସ୍ଥାନ ; ଯାହା ନିଜର ବ୍ୟାକ୍ ୱାଟର୍ ପାଇଁ ବେଶ୍ ଖ୍ୟାତି ଅର୍ଜନ କରିପାରିଛି । ଏହି ବ୍ୟାକ୍ ୱାଟର୍‌ରେ ହାଉସ୍ ବୋଟ୍‌ରେ ବୁଲିବାର ମଜା ବେଶ୍ ନିଆରା ଲାଗେ । ତା'ସାଙ୍ଗକୁ କଦଳୀ ପତ୍ରରେ ଭୋଜନ ଆଉ କେରଳର ନଡିଆ ଓ ପଇଡ଼ ପାଣିର ସ୍ୱାଦ ବି ବେଶ୍ ଆନମନା କରିଥାଏ ପର୍ଯ୍ୟଟକଙ୍କୁ । ତେଣୁ ଯିଏ ଥରେ କେରଳ ଆସି ଏହି ସବୁ ମଜା ନେଇଛନ୍ତି ସିଏ ବାରମ୍ବାର ଏଠାକୁ ଆସିବାକୁ ମନ ବଳାଇଥାନ୍ତି । ସତରେ କେରଳ ବ୍ୟାକ୍ ୱାଟର୍‌ରେ ବୁଲି ସ୍ଥାନୀୟ ପ୍ରାକୃତିକ ପରିବେଶକୁ ଉପଭୋଗ କରିବା ଭାଗ୍ୟରେ ଥିଲେ ମିଳେ..

ବ୍ୟାକ୍ ୱାଟର୍ ହେଉଛି ତଟୀୟ କ୍ଷେତ୍ରରେ ଅବସ୍ଥିତ ହ୍ରଦ, ନଦୀ ତଥା କେନାଲ ଜଳାଧାରାର ଏକ ଅଂଶବିଶେଷ ; ଯେଉଁଥିରେ ସମୁଦ୍ର ସ୍ରୋତର ଧାରା ବି ମିଶି ରହିଥାଏ । ସେଥିପାଇଁ କେରଳର ବିଭିନ୍ନ ସ୍ଥାନରେ ଏହି ବ୍ୟାକ୍ ୱାଟର୍‌ର ଅପୂର୍ବ ସୌନ୍ଦର୍ଯ୍ୟ ଦେଖିବାକୁ ମିଳିଥାଏ । ଏହି ବ୍ୟାକ୍ ୱାଟର୍‌ରେ ଅନେକ ହାଉସ୍‌ବୋଟ୍ ତଥା ଛୋଟ ଛୋଟ ଡଙ୍ଗା ଆଦି ଚାଲିଥାଏ ; ଯେଉଁଥିରେ ବସି ପର୍ଯ୍ୟଟକ ତଟୀୟ କ୍ଷେତ୍ରରେ ଥିବା ବିଭିନ୍ନ ରୋଚକପୂର୍ଣ୍ଣ ସ୍ଥାନ ତଥା ମନୋରମ ଦୃଶ୍ୟକୁ ଦେଖିବା ସହ ସେ ସବୁ ସ୍ଥାନକୁ ବୁଲି ମଧ୍ୟ ଯାଇଥାନ୍ତି । ଯେଉଁଥିପାଇଁ କେହି କେହି କେରଳ ବ୍ୟାକ୍ ୱାଟର୍‌କୁ 'କେରଳର ନୌକା ମାର୍ଗ' ବୋଲି କହିଥାନ୍ତି ତ ଆଉ କିଏ ଏହାକୁ 'କେରଳର ନଦୀ ନେଟୱାର୍କ' ବୋଲି ସମ୍ବୋଧନ କରିଥାନ୍ତି ।

କେରଳ ବ୍ୟାକ୍ ୱାଟର୍ ବିଭିନ୍ନ କାରଣ ପାଇଁ ଲୋକପ୍ରିୟତା ହାସଲ କରିଥାଏ । ତନ୍ମଧ୍ୟରୁ ପ୍ରଥମ ପଏଣ୍ଟ ହେଉଛି, ଏହା ପର୍ଯ୍ୟଟକଙ୍କୁ ସୁନ୍ଦର ତଥା ଶାନ୍ତିପୂର୍ଣ୍ଣ ବାତାବରଣ ପ୍ରଦାନ କରିଥାଏ । ଦ୍ୱିତୀୟରେ ଏହା ବିଭିନ୍ନ ପ୍ରକାର ଗତିବିଧି ପାଇଁ ବି ଆଦର୍ଶ ସ୍ଥାନ ହୋଇଥାଏ, ଯେମିତିକି ନୌକାଚାଳନ, ମାଛ ଧରିବା, ସନ୍ତରଣ ତଥା ଅନେକ ରୋଚକପୂର୍ଣ୍ଣ ଦୃଶ୍ୟର ଦର୍ଶନ । ତୃତୀୟରେ କେରଳ ବ୍ୟାକ୍ ୱାଟର୍ ବୁଲି ଆସୁଥିବା ପର୍ଯ୍ୟଟକଙ୍କୁ ଏଠାରେ କେରଳର ସମୃଦ୍ଧ ସଂସ୍କୃତି ତଥା ଇତିହାସ ବିଷୟରେ ଜାଣିବାର ଅନେକ ସୁଯୋଗ ମିଳିଥାଏ ।

### କେରଳ ବ୍ୟାକ୍ ୱାଟର୍‌ର ବୋଟ୍ ସମ୍ପର୍କରେ

କେରଳ ବ୍ୟାକ୍ ୱାଟର୍‌ରେ ବିଭିନ୍ନ ପ୍ରକାରର ବୋଟ୍ ତଥା ଡଙ୍ଗା ଆଦି ଚାଲୁଥିବାର ଦେଖିବାକୁ ମିଳେ । ଯଥା: ହାଉସ୍‌ବୋଟ୍, ଶିକାରା ବୋଟ୍, ମୋଟର ବୋଟ୍, ପାରମ୍ପରିକ କାନୋଇ ବୋଟ୍, ସ୍ପିଡ୍ ବୋଟ୍ ଇତ୍ୟାଦି ଅନ୍ୟତମ । ତେବେ ହାଉସ୍‌ବୋଟ୍‌ରେ ବୁଲିବାର ମଜା ହିଁ କିଛି ଅଲଗା । କାରଣ ଏଥିରେ ପର୍ଯ୍ୟଟକଙ୍କ ବସିବା, ଉଠିବା, ଖାଇବା ପିଇବା ପାଇଁ ସବୁପ୍ରକାରର କ୍ୱାଲିଟି ସୁବିଧା ଉପଲବ୍ଧ ଥାଏ । ସେଥିପାଇଁ ତ ଏଥିରେ ବୁଲିବା ପାଇଁ ଟିକେ ଅଧିକ ଖର୍ଚ୍ଚ କରିବାକୁ ପଡିଥାଏ । କିନ୍ତୁ ଯଦି କୌଣସି ପର୍ଯ୍ୟଟକ ବ୍ୟାକ୍ ୱାଟର୍ ଦେଇ କେରଳର ବିଭିନ୍ନ ଗାଁର ଦୃଶ୍ୟ ତଥା ଛୋଟମୋଟ ଜାଗାକୁ ବୁଲିଯିବାକୁ ଚାହାନ୍ତି, ସେମାନଙ୍କ ପାଇଁ କାନୋଇ ବୋଟ୍‌ରେ ବୁଲିବା ସୁବିଧାଜନକ ହୋଇଥାଏ ।

### କେରଳର ଲୋକପ୍ରିୟ ବ୍ୟାକ୍ ୱାଟର୍ ଡେଷ୍ଟିନେଶନ

କେରଳ ବ୍ୟାକ୍ ୱାଟର୍‌ର ଭରପୂର ମଜା ନେବା ପାଇଁ ନିର୍ଦ୍ଦିଷ୍ଟ କେତୋଟି ସ୍ଥାନ ରହିଛି । ଯେମିତିକି:


✻ **ଆଲେପ୍ପେ:** ଏହା ଆଲାପୁଝା ନାମରେ ବି ଜଣାଶୁଣା ; ଯାହା କେରଳର ଆଲାପୁଝା ନାମକ ଜିଲାରେ ଅବସ୍ଥିତ । କୋଚିଠାରୁ ପ୍ରାୟ ୫୫ କି.ମି ଦୂରରେ ଅବସ୍ଥିତ ଏହି ସ୍ଥାନରେ ଥିବା ବ୍ୟାକ୍ ୱାଟର୍‌ର ସୌନ୍ଦର୍ଯ୍ୟ ପର୍ଯ୍ୟଟକଙ୍କୁ ବେଶ୍ ଆକୃଷ୍ଟ କରିଥାଏ । ବିଶେଷକରି ଏଠାକାର ବ୍ୟାକ୍ ୱାଟର୍‌ରେ ହାଉସ୍ ବୋଟ୍‌ରେ ବୁଲି ପର୍ଯ୍ୟଟକ ଅପୂର୍ବ ପ୍ରାକୃତିକ ସୌନ୍ଦର୍ଯ୍ୟ, ନଡ଼ିଆ ବଗିଚା, କ୍ଷେତବାଡ଼ି ତଥା ଅନେକ ଛୋଟ ଛୋଟ ଦ୍ୱୀପ ଦେଖିବାର ସୁଯୋଗ ପାଇଥାନ୍ତି ।

✻ **କୁମାରାକୋମ୍:** ଏହା ମଧ୍ୟ କେରଳର ଅନ୍ୟତମ ଲୋକପ୍ରିୟ ବ୍ୟାକ୍ ୱାଟର୍ ଡେଷ୍ଟିନେଶନ । ଏଠାରେ ପର୍ଯ୍ୟଟକ ବୋଟ୍ ଜରିଆରେ ବ୍ୟାକ୍ ୱାଟର୍‌ରେ ବୁଲିବୁଲି ଜାତି ଜାତିକା ପକ୍ଷୀ ଦେଖିବାର ସୁଯୋଗ ପାଇପାରିବେ । ଯେଉଁମାନେ ଶାନ୍ତି ପ୍ରିୟ ସେମାନଙ୍କ ପାଇଁ ଏହି ସ୍ଥାନଟି ବେଶ୍ ଉପଭୋଗ୍ୟ ହୋଇଥାଏ । ତା'ଛଡ଼ା କେରଳର ଗାଉଁଲି ସଭ୍ୟତା ବିଷୟରେ ଜାଣିବାର ଯଥେଷ୍ଟ ସୁଯୋଗ ମିଳିଥାଏ ଏଠାରେ ।

✻ **କାଭାୟି:** ଏହା କେରଳର ପାୟାନୁର୍ ନାମକ ସ୍ଥାନରେ ଅବସ୍ଥିତ । ଏଠାରେ ବି ପର୍ଯ୍ୟଟକ ବ୍ୟାକ୍ ୱାଟର୍ ଦେଖିବାର ମଜା ନେଇପାରିବେ ।

କେବଳ ଏତିକି ନୁହେଁ, କେରଳରେ ଆହୁରି ଅନେକ ଏମିତି ସ୍ଥାନ ରହିଛି ; ଯେଉଁଠାରେ ପର୍ଯ୍ୟଟକ ବ୍ୟାକ୍ ୱାଟର୍‌ର ସୌନ୍ଦର୍ଯ୍ୟ ଦେଖିବା ସହ ହାଉସ୍ ବୋଟ୍ ଅଥବା ଅନ୍ୟ ବୋଟ୍‌ରେ ବସି ବୁଲିବାର ଭରପୂର ମଜା ନେଇପାରିବେ ।





# ଡିଶ୍‌ୱାଶର୍‌ର କଥା



**ବାସନ ମାଜିବା କେତେ କଷ୍ଟ ଓ ସମୟସାପେକ୍ଷ ତାହା କେବଳ ଜଣେ ମହିଳା ହିଁ ଜାଣେ। ପ୍ରତିଦିନ ତାକୁ ଏହି କାମ କରିବାକୁ ପଡେ। ଜୋଶେଫିନ୍ ଗାରିସ୍ କୋଚରାନ ନାମ୍ନୀ ଜଣେ ମହିଳା ମଧ୍ୟ ଏହି ସମସ୍ୟାର ସମ୍ମୁଖୀନ ହେଉଥିଲେ। ତେଣୁ ସେ ଏହାର ସମାଧାନ କରିବାକୁ ଯାଇ ତିଆରି କରିଥିଲେ ପ୍ରଥମ ଡ଼ିଶ୍ ୱାଶର୍ ମେସିନ୍...**

ପ୍ରତି ଘରେ ମହିଳାଙ୍କର ଥାଏ ଅନେକ କାମ । ତା'ମଧ୍ୟରେ ଗୋଟିଏ ବଡ଼ କାମ ହେଉଛି ବାସନ ମାଜିବା। ଅନେକ ସମୟରେ ଏହି କାମ କରି କରି କାହା ହାତ ପାଣି ଖାଇ ଯାଏ ତ କେବେ ହାତରୁ ଭଲ ବାସନ ପଡି ଭାଙ୍ଗିଯାଏ। ଏଭଳି ସମସ୍ୟାକୁ ସବୁ ମହିଳା ସାମ୍ନା କରିଥାନ୍ତି। ବହୁ ବର୍ଷ ପୂର୍ବେ ଆମେରିକାର ଜୋଶେଫିନ ଗାରିସ୍ କୋଚରାନ ନାମ୍ନୀ ଜଣେ ମହିଳା ବି ଏହି ସମସ୍ୟାର ସମ୍ମୁଖୀନ ହେଉଥିଲେ। ତେବେ ସେ ଏହାକୁ ଅଣଦେଖା ନ କରି ସମସ୍ୟାର ସମାଧାନ କରିବାକୁ ନିଷ୍ପତ୍ତି ନେଲେ। ଆଉ ତିଆରି କଲେ ହ୍ୟାଣ୍ଡ ପାୱାରଡ୍ ଡିଶ୍ ୱାଶର୍, ଯାହାକି ଆଜିର ମହିଳାଙ୍କ କାମକୁ ଅନେକାଂଶରେ କମ୍ କରିବାରେ ସହାୟକ ହୋଇଛି।

ଜୋଶେଫିନ ଗାରିସ୍ କୋଚରାନ ଥିଲେ ଜଣେ ଆମେରିକୀୟ ଉଦ୍ଭାବକ। ସେ ନିଜେ ମହିଳା ହୋଇଥିବାରୁ ଘରୋଇ ମହିଳାଙ୍କ ବାସନ ମାଜିବା ସମୟର ସମସ୍ୟାକୁ ଭଲଭାବେ ବୁଝି ପାରିଥିଲେ। ଖାସ୍‌କରି ଦାମୀ ବାସନ ପଡ଼ି ଭାଙ୍ଗିଯିବାର କଷ୍ଟକୁ ସେ ବେଶ୍ ବୁଝି ପାରୁଥିଲେ। ଥରେ ଏକ ଡିନର୍ ପାର୍ଟି ପରେ ବାସନ ସଫା କଲାବେଳେ ତାଙ୍କ ହାତରୁ ତାଙ୍କ ପରିବାରର କିଛି ବହୁ ପୁରୁଣା ଦାମୀ ବାସନ ପଡି ଖଣ୍ଡ ଖଣ୍ଡ ହୋଇଯାଇଥିଲା। ଫଳରେ ତାଙ୍କୁ ବହୁତ କଷ୍ଟ ଲାଗିଥିଲା। ସେଥିପାଇଁ ସେ ନିଷ୍ପତ୍ତି ନେଇଥିଲେ ବାସନ ମାଜିବା ସମସ୍ୟାର ଯେମିତି ବି ହେଉ କିଛି ସମାଧାନ ଆଣିବେ। ପରେ ସେ ମେକାନିକ ଜର୍ଜ ବଟର୍ସଙ୍କ ସାହାଯ୍ୟରେ ଡିଜାଇନ୍ ଓ ତିଆରି କଲେ ଏକ ବେଶ୍ ସୃଜନଶୀଳ ମେସିନ୍, ଯାହାକି ଥିଲା ପ୍ରଥମ ହସ୍ତ ଚାଳିତ ଡିଶ୍ ୱାଶର୍। ୧୮୮୬, ଡିସେମ୍ବର ୨୮ ତାରିଖରେ ଜୋଶେଫିନ୍ ତାଙ୍କର ଏହି ଅଭିନବ ଉଦ୍ଭାବନର ପ୍ୟାଟେଣ୍ଟ କରାଇଥିଲେ। ଏହାପରେ ସେ ଗାରିସ୍ କୋଚରାନ ମାନୁଫାକ୍ଚରିଂ ନାମକ କମ୍ପାନୀ ଗଢି ଡିଶ୍ ୱାଶର୍ ତିଆରି କଲେ। ୧୮୯୩ରେ ଚିକାଗୋରେ ହୋଇଥିବା ପୃଥିବୀର ସର୍ବପ୍ରଥମ ବ୍ୟବସାୟିକ ମେଳା 'ୱାର୍ଲଡସ୍ କଲମ୍ବିଆନ ଏକ୍ସପୋଜିସନ୍'ରେ ଜୋଶେଫିନ୍‌ଙ୍କର ଏହି ମେସିନ ପ୍ରଦର୍ଶିତ ହୋଇଥିଲା।







ଉକ୍ତ ଇଭେଣ୍ଟର ୯ଟି ରେଷ୍ଟୁରାଣ୍ଟ ଓ ପାଭିଲିୟନରେ ଏହି ଡିଶ୍ ୱାଶର୍‌କୁ ବ୍ୟବହାର କରାଯାଇଥିଲା। ଏହାପରେ ଅନ୍ୟ ରେଷ୍ଟୁରାଣ୍ଟ ଓ ହୋଟେଲ ମାଲିକଙ୍କର ଏହି ମେସିନ ପ୍ରତି ଆଗ୍ରହ ବଢିଲା। ସେହି ୱାର୍ଲଡ କଲମ୍ବିଆନ ଏକ୍ସପୋଜିସନ୍‌ରେ ଜୋଶେଫିନ୍‌ଙ୍କ ଡିଶ୍ ୱାଶର୍‌କୁ ସର୍ବୋତ୍ତମ ମେସିନ ଭାବେ ପୁରସ୍କୃତ ବି କରାଗଲା। ୧୯୧୩ରେ ଜୋଶେଫିନ୍‌ଙ୍କ ମୃତ୍ୟୁ ପରେ ହୋବାର୍ଟ ମାନୁଫାକ୍ଚରିଂ କମ୍ପାନୀ ଏହାକୁ କିଣି ନେଇଥିଲା, ଯାହାକି ଏବେ ହ୍ୱିର୍ଲପୁଲ କର୍ପୋରେସନ୍ ଭାବେ ପରିଚିତ। ୧୯୫୦ ବେଳକୁ ଘରୋଇ ବ୍ୟବହାରରେ ଏହି ମେସିନ ଲୋକପ୍ରିୟ ହେଲା। ଜୋଶେଫିନ୍ ମହିଳାଙ୍କ ଜୀବନକୁ ସହଜ ଓ ଉନ୍ନତ କରିବା ଲାଗି ଯେଉଁ ପ୍ରୟାସ କରିଥିଲେ ତାହା ଏକ ନୂଆ ଧାରା ସୃଷ୍ଟି କଲା। ଯଦ୍ୱାରା ପରବର୍ତ୍ତୀ ସମୟରେ ମହିଳାଙ୍କ ଲାଗି ଆହୁରି ଅନେକ ଉଦ୍ଭାବନ ହେଲା। ସୂଚନାଯୋଗ୍ୟ ଯେ ଜୋଶେଫିନଙ୍କ ପୂର୍ବରୁ ଜୋଏଲ ହୁଗଟୋନ ଓ ଏଲ.ଏ.ଆଲେକଜାଣ୍ଡାର ନାମକ ଦୁଇଜଣ ବ୍ୟକ୍ତି ଦୁଇଟି ଭିନ୍ନ ଭିନ୍ନ ଡ଼ିଶ୍ ୱାଶର୍ ତିଆରି କରିଥିଲେ। ହେଲେ ସେଗୁଡିକ ଏତେ ଭଲ କାମ କରୁ ନ ଥିଲା। ତେଣୁ ଲୋକେ ସେଗଡିକୁ ପସନ୍ଦ କରି ନ ଥିଲେ।

# କାନ୍ଥ ଓସାରର ଘର

ସମସ୍ତଙ୍କର ସ୍ୱପ୍ନ ଥାଏ ସୁନ୍ଦର ଘରଟିଏ କରିବା। ତେଣୁ କିଏ କେତେ ପ୍ରକାରର ଘର କରିଥାନ୍ତି। କେହି କେହି ତ ନିଜ ଘରକୁ ସମସ୍ତଙ୍କଠୁ ଭିନ୍ନ କରିବା ଲାଗି ଅଜବ ଡିଜାଇନ୍ କରିବାକୁ ବି ପଛାନ୍ତି ନାହିଁ। ଯାହାର ଦୃଷ୍ଟାନ୍ତ ହେଉଛି ପୃଥିବୀର ବିଭିନ୍ନ ସ୍ଥାନରେ ଥିବା ନାନା ପ୍ରକାରର ଅଜବ ଘର। ଏଭଳି ଅଜବ ଘର ଭିତରେ ଗୋଟିଏ ହେଉଛି ଫ୍ରାନ୍ସର ସବୁଠୁ ସଂକୀର୍ଣ୍ଣ ଘର।  ଘର ନୁହେଁ ତ ବାହାରୁ ଦେଖିଲେ ଲାଗିବ ଏହା ଏକ ମୋଟା କାନ୍ଥ ପରି। ତେଣୁ ଏହି ଘରେ କେବଳ ଜଣେ ପଶିବା ଭଳି ଜାଗା ଥାଏ। ଆଉ ଯଦି ମୋଟା ବ୍ୟକ୍ତି ପଶିବାକୁ ଚେଷ୍ଟା କରନ୍ତି ତେବେ ଫଶିଯାଇପାରନ୍ତି। ଏହି ଘରଟି ଫ୍ରାନ୍ସର ନୋର୍ମାଣ୍ଡିରେ ଅଛି। ଇରୱିନ ଉର୍ମ ନାମକ ବ୍ୟକ୍ତି ଏହି ଘର ତିଆରି କରିଛନ୍ତି। ଏହି ଘରର ବେଡରୁମ୍‌ଠାରୁ ଆରମ୍ଭ କରି ବାଥରୁମ୍ ପର୍ଯ୍ୟନ୍ତ ସବୁକିଛି ଏତେ ସଂକୀର୍ଣ୍ଣ ଯେ ଜଣେ ବ୍ୟକ୍ତି ରହିବା ବି କଷ୍ଟକର।  ଇରୱିନ କୁହନ୍ତି, 'ଯେବେ ଜନସଂଖ୍ୟା ଅନୁସାରେ ଭୂମି କମ୍ ହୋଇଯିବ ସେତେବେଳେ ଲୋକଙ୍କ ପାଖରେ ଘର ତିଆରି କରିବା ଲାଗି ସ୍ଥାନ କମ୍ ପଡିବ। ଆଉ ସେବେ ଏମିତି ପତଳା ଘର କରିବାକୁ ଲୋକେ ବାଧ୍ୟ ହେବେ।





## କଥା ଚାଟ୍

ଶ୍ରୀମାନ୍ ସର୍ବଗିଳା

# ଉଛୁଳା ଭକ୍ତିର ଅନ୍ତରାଳେ....

ମା'ଛେଉଣ୍ଡ ମାଧବ ବାବୁ ଭଦ୍ରଲୋକରେ ଗଣାହେଲେ, ଯେବେଠୁଁ କଷ୍ଟକରି ଉଚ୍ଚଶିକ୍ଷା ଲାଭ କଲା ପରେ ଉଚ୍ଚ ପଦବୀଯୁକ୍ତ ଚାକିରି ପାଇଲେ। ତାଙ୍କର ସବୁଗୁଣ ଭଲ। ହେଲେ ନିନ୍ଦୁକେ କହନ୍ତି –ବାବୁ ଭାରି ଲୋଭୀ। ହେଲେ ହୋଇଥିବ ! ଦୁନିଆରେ କିଏ ଲୋଭୀ ନୁହନ୍ତି ଯେ ସିଏ ନୂଆଗୁଣ କାଢ଼ିଲେ ? ତାଙ୍କଠି ସେମିତି ଶକ୍ତି ଥିଲା ବୋଲି ଚାକିରି କାଳରେ ଭଗବାନ ତାଙ୍କ ଦ୍ୱାରା ଯେଉଁ ଧନ ଦିଆଇଲେ, ସେଥିରେ କେଜି କେଜି ସୁନା, ରୁପା, ଏକର ଏକର ଜାଗାଜମି, ବହୁ ଘର, ପ୍ଲଟ କିଣିଲେ। ସେଥିରେ ମୋ ଭଳି ଲୋକ ହିଂସା –ଈର୍ଷା କରିବା କ'ଣ ଭଲକଥା ? ଲୋକେ କୁହାକୁହି ହୁଅନ୍ତି –ସେ କୁଆଡେ କେଇଥର ଭିଜିଲାନ୍ସ ହାତରେ ଧରାପଡ଼ି ଜେଲ ଯାଇଛନ୍ତି। କିନ୍ତୁ ତାଙ୍କ କଥାବାର୍ତ୍ତା, ସେ ପିନ୍ଧୁଥିବା ଡ୍ରେସପରି ଭାରି ସଫା ଲାଗୁଥିବାରୁ, ଲୋକଙ୍କ କଥାକୁ ଆମ୍ଭେ ପରତେ ଯାଉନା। ଲୋକଙ୍କ କଥାରୁ କ'ଣ ମିଳିବ ଯେ ! ଖୋଦ ସର୍କାର ତ ତାଙ୍କ ସଫାଗୁଣ –ପରିବାପଣର ପରିଚୟ ପାଇଁ ଉଚ୍ଚରୁ ଉଚ୍ଚତର ଉଚ୍ଚତମ ପଦବୀକୁ ତିନି ତିନିଥର ପ୍ରମୋଶନ ଦେଇଛନ୍ତି। ଆମେ କହିବାକୁ କିଏ ? ହଁ, ମାଧବ ବାବୁ ଚତୁରଗୁଣରେ ପରିପୂର୍ଣ୍ଣ। ଏତେ ପାଠପଢି ଚତୁର ନ ହୋଇ କ'ଣ ଓଲା କାବେଡା ବୋକା ହେଲେ, ଆଜିକାଲି ଦୁନିଆରେ କି ଚଳିହୁଏ ?

ଅନେକ ନେତାଙ୍କ ଶିକ୍ଷାଗତ ଯୋଗ୍ୟତା ନ ଥାଇ ଯେବେ ବିଭାଗ, ରାଇଜ ଚଳାଉଛନ୍ତି, ତେବେ ମାଧବ ବାବୁ ସେଇ ବୁଦ୍ଧିରେ ପରିବାର ଉନ୍ନତି –ସମ୍ପତ୍ତି ବୃଦ୍ଧି କରିବାରେ ଅସୁବିଧା କ'ଣ ? ହେଲା, ଆମେ ମାନୁଛୁ ସେ କାହାକୁ ଦେଇ ଶିଖିନାହାନ୍ତି – ନେବାରେ ଓସ୍ତାଦ। ତଥାପି ସେ ଅତି ଭଦ୍ରଲୋକ। ବୁଦ୍ଧି ଥିବାରୁ ଅନେକ ମାର୍କେଟ କମ୍ପ୍ଲେକ୍ସ, ଗଢ଼େଇଥିବା କୋଠାର ଭଡା, ଚାକିରି କାଳରେ ଜମେଇଥିବା ଧନକୁ କୋଉଠି କେମିତି ସୁରକ୍ଷିତ ରଖିବେ ବୋଲି ପତ୍ନୀ ସହ ଆଲୋଚନାରେ ଅନେକ ରାତି ପୁହାଇଛନ୍ତି। ମାଧବଚନ୍ଦ୍ର, ଆଜିକାର ଅନ୍ଧାରିଶାସନ ସଂସାରେ ଏକମାତ୍ର ଚନ୍ଦ୍ର ପରି ବିଖ୍ୟାତ ହୋଇଛନ୍ତି। ମାତ୍ର ଅବସର ନେବା ପରେ ଧୀରେ ଧୀରେ ତାଙ୍କ ଶରୀରକୁ ଶତ୍ରୁ ଭଳିଆ ଅନେକ ବେମାରୀ ଆକ୍ରମଣ କରୁଥିବାରୁ ମନ ସୁସ୍ଥ ରଖିବାକୁ କୋଉ ପଣ୍ଡିତଙ୍କ ପରାମର୍ଶରେ ସାଆରେ ଏବେ ଧର୍ମକଥା ଶ୍ରବଣରେ ମନ ଧ୍ୟାନ ଦେଇଛନ୍ତି। ସଞ୍ଜବୁଡ଼ିଲେ ସହରର କୋଉ ମନ୍ଦିର କି ମଞ୍ଚରେ ଦିଆଯାଉଥିବା ପ୍ରବଚନ ଶୁଣିବାକୁ ଧାଉଁଛନ୍ତି। ଅବଶ୍ୟ କୋଉଠି ଚାନ୍ଦାଭେଟା ଦାନ ଦକ୍ଷିଣା ଦେବାକୁ ଶୁଣିଲେ, ସେଠାକୁ ଯିବାପାଇଁ ମନଉଣା ସିନା କରନ୍ତି, ମାତ୍ର ତାଙ୍କ ମନ ଭାରି ସଫା, ଅନ୍ତର ନିର୍ମଳ... ଭକ୍ତି ଜୋର। ପ୍ରଣାମ ଠୁ ବଳି, ଧନ ଦାନ କ'ଣ ଏତେ ବଡ଼ ? ସେ ଯୋଉ ସାଧୁ ସନ୍ଥ ପ୍ରବଚକଙ୍କ ପ୍ରବଚନ ଶୁଣନ୍ତି, ତାଙ୍କୁ ଦେଖି ଦେଖି ଭକ୍ତିରେ ଗଦଗଦ ହୋଇ ଅଣ୍ଟାକୁ ନୁଆଁଇ ମଥାକୁ ଆଣ୍ଠୁ ତଳକୁ ଝୁଲେଇ ଏମିତି ବାଗରେ ଜୁହାର କରନ୍ତି ଯେ, କେହି କେହି ତାଙ୍କୁ ଅର୍ଦ୍ଧସିଦ୍ଧ ମହାପୁରୁଷ ବୋଲି ଚିହ୍ନିପକାନ୍ତି –ଏ କଥା ମାଧବବାବୁ ତାଙ୍କ ସାଙ୍ଗ ସାଥୀଙ୍କୁ କହିବାର ଆମେ ଶୁଣିଛୁ।

ଦିନେ ଜଣେ ପ୍ରବଚକ ଭଗବାନଙ୍କ କଥା ବଡ଼ ପାଟିରେ କହୁଥିବାବେଳେ, ବାବୁ ଆଗ ଧାଡିରେ ତାଙ୍କ ପାଖରେ ବସି ଶୁଣିଲାବେଳେ, ବକ୍ତାଙ୍କ ତୁଣ୍ଡରୁ ଛେପ ତାଙ୍କ ଉପରେ ପଡୁଥିବା ଦେଖି କହିଲେ– ହେ ମହାଶୟ, ଆପଣଙ୍କ କଥା ବଡ଼ ମଧୁର ଲାଗୁଛି। ମାତ୍ର ଆପଣଙ୍କ ତୁଣ୍ଡରୁ ଛେପ ବାହାରି ମୋ ଉପରେ ପଡୁଛି। ପ୍ରବଚକ କହିଲେ– ଆପଣ ବହୁତ ଭାଗ୍ୟବାନ। ମୋ ଗର୍ଭରେ ପରା ଗଙ୍ଗା, ଯମୁନା, ସରସ୍ୱତୀଙ୍କ ତ୍ରିବେଣୀ ଘାଟ ଅଛି। ସେଇ ଜଳ ପଡ଼ି ଆପଣଙ୍କ ଦେହ ପବିତ୍ର ହୋଇଛି। ଏକଥା



ଶୁଣି ବାବୁ ଖୁସିହେଲେ। ପରଦିନ ସେ ସାଇତି ଆଣିଥିବା କିଛି ଜିନିଷ ସାଧୁଙ୍କ ପାଟିରେ ଖୁଆଇଦେଇ କହିଲେ – ହେ ମହାଶୟ ! ଏତକ ଭୋଜନ କରିବା ପୂର୍ବକ ମୋତେ କୃତାର୍ଥ କରାନ୍ତୁ। ସାଧୁ ପଚାରିଲେ.. ଏ କ'ଣ ଖୁଆଇଲେ ? ! ବାବୁ କହିଲେ କାଲି ଜାଣିଲି ଆପଣଙ୍କ ଭିତରେ ତ୍ରିବେଣୀ ତୀର୍ଥ ଅଛନ୍ତି। ତେଣୁ ମୋ ବାପାଙ୍କ ସାଇତି ରଖିଥିବା ଅସ୍ଥିକୁ ଗୁଣ୍ଡକରି ପାଚିଲା କଦଳୀରେ ମିଶେଇ ତ୍ରିବେଣୀ ତୀର୍ଥରେ ବିସର୍ଜନ କରି ମୋ ମନସ୍କାମନା ପୂରଣ କରିବାର ସୁଯୋଗ ହାତଛଡ଼ା କରିନାହିଁ। ବିଚରା ପ୍ରବଚକ ମଞ୍ଚରେ ବାନ୍ତି କରିବା ଦେଖି ସେ ଛୁ ମାରିଥିଲେ।

ଆଉଦିନେ ଜଣେ ସାଧୁ ତାଙ୍କ ଭକ୍ତିଭରା ବ୍ୟବହାର ଓ ପ୍ରବଚନ ଶୁଣିବାର ଆଗ୍ରହ ଦେଖି ଏତେ ମୁଗ୍ଧ ହୋଇଗଲେ ଯେ, ମାଧବବାବୁଙ୍କ ଘରକୁ ଯିବାପାଇଁ ଇଚ୍ଛାକରି ଗୁଡ଼ାଏ ପ୍ରଶଂସା କରିବାକୁ ଲାଗିଲେ। ମାଧବବାବୁ ନିଜର ପ୍ରଶଂସା ଶୁଣି ଗର୍ବରେ ଉଚ୍ଛୁଳିଉଠିଲେ ଓ ପରଦିନକୁ ତାଙ୍କ ଘରେ ଅତିଥି ହେବାକୁ ନିମନ୍ତ୍ରଣ କଲେ। ବଜାରରୁ ବେପାରୀଙ୍କ ବଳି ପଡ଼ିଥିବା ପରିବା ଶ୍ରଦ୍ଧା ସହକାରେ ଶସ୍ତାରେ କିଣି ରୋଷେଇ ବ୍ୟବସ୍ଥା କଲେ। ଯେମିତି ସାଧୁ ସୁଆଦିଆ ଖାଦ୍ୟ ଲୋଭରେ ବାରମ୍ବାର ଆସିବା ଭଳି ହରକତ ନ କରନ୍ତି।

ଯଥା ସମୟରେ ସାଧୁ ପରଦିନ ଘରେ ଉପସ୍ଥିତ ହେବା ଦେଖି ଯଥାଯଥ ଅଭ୍ୟର୍ଥନା ପୂର୍ବକ ତାଙ୍କ ସହିତ ମଧ୍ୟାହ୍ନଭୋଜନ ପାଇଁ ଅନୁରୋଧ କଲେ। ସେଦିନ ଥାଏ ରବିବାର। ଭୋଜନାନ୍ତେ ବୈଠକଖାନାରେ ବାବୁ ଓ ସାଧୁ ଦୁଃଖ ସୁଖ ହେଲେ। ସୁନ୍ଦର ଘର ବଗିଚା ବୁଲାଇ ଦେଖେଇବା ପରେ, ତାଙ୍କ ବଡ ପୁଅ–ବୋହୂ ଆସି ପ୍ରଣାମ କରିବାରୁ ସାଧୁ ପୁଚ୍ଛାକଲେ –ଏମାନେ କିଏ ?

ମାଧବବାବୁ କହିଲେ– ଏ ମୋ ବଡ଼ପୁଅ, ଯାହାକୁ ମୁଁ ବହୁ ଟଙ୍କା ଖର୍ଚ୍ଚକରି ଡାକ୍ତର କରେଇଛି। ଏଇ ବୋହୂ ବି ଡାକ୍ତର। ଉଭୟେ ଏଇ ସହରରେ ଚାକିରି କରି ଭଲ ରୋଜଗାର କରୁଛନ୍ତି। ପରେ ଆଉ ଦୁଇଜଣ ଆସି ପ୍ରଣାମ କରିବାରୁ, ବାବୁ ପରିଚୟ ଦେଇ କହିଲେ ଏ ମୋ ସେକେଣ୍ଡ ପୁଅ ବୋହୂ। ମୁଁ ଏ ପୁଅକୁ ଇଂଜିନିୟର କରେଇଛି। ସେ ଏବେ ପ୍ରମୋସନ ହୋଇ ଚିଫ–ଇଂଜିନିୟର। ବୋହୂ ପ୍ରଫେସର। ମୁଁ ଏମାନଙ୍କୁ ମଣିଷ କରିଛି। ମୁଁ ଏଇ କୋଠାବାଡ଼ି ସବୁ ଘରଦ୍ୱାର କରିଛି। ମତେ ସମସ୍ତେ ସମ୍ମାନ ଦିଅନ୍ତି। ମୁଁ ଏମାନଙ୍କ ପାଇଁ ବ୍ୟାଙ୍କ ବାଲାନ୍ସ ରଖିଦେଇଛି....।

ଏଇବେଳେ ଜଣେ ପ୍ରାୟ କୋଡିଏ ବର୍ଷର ଦିବ୍ୟାଙ୍ଗ, ଗୋଡ଼ ଘୋଷାରି ଆସୁଥିବାର ଦେଖି ମାଧବବାବୁ ବିରକ୍ତ ହୋଇ ତଡିବାରୁ, ସାଧୁ ବାରଣକରି କହିଲେ– ତାକୁ ଆସିବାକୁ ଦିଅନ୍ତୁ। ପିଲାଟି ଆସି ପ୍ରଣାମ କରିବାରୁ, ସେ କିଏ ବୋଲି ସାଧୁ ପଚାରିବାରୁ, ମାଧବବାବୁ କହିଲେ ଏ ହତଭାଗା ମୋ ସାନପୁଅ। ଦେଖିଲେ ! ଭଗବାନଙ୍କର କି ଅବିଚାର ! ତାକୁ ଦିବ୍ୟାଙ୍ଗ କରେଇଛନ୍ତି। ପାଠଶାଠ କାହିଁକି ବା ପଢ଼େଇ ଟଙ୍କା ସାରିଥାନ୍ତି ? ଯୋଉ ଭଗବାନ ତାକୁ ଏମିତି କରିଛନ୍ତି, ସେ ବୁଝିବେ !

ସାଧୁ ଏମିତି ଶୁଣି ସ୍ମିତହସି କହିଲେ, ମହାଶୟ ! ଆପଣ କୋଠାବାଡ଼ି, ଉଦ୍ୟାନ କରିଛନ୍ତି, ଦୁଇଟା ପିଲାଙ୍କୁ ଯୋଗ୍ୟ କରିଛନ୍ତି। ମାତ୍ର ଏ ପିଲାକୁ ଆପଣ ନୁହଁ ଭଗବାନ ଦିବ୍ୟାଙ୍ଗ କରିଛନ୍ତି ବୋଲି ଦୋଷାରୋପ କରୁଛନ୍ତି ? ସବୁ ପ୍ରଶଂସା ଆପଣଙ୍କର, ଅଥଚ ନିନ୍ଦା ଭଗବାନଙ୍କର ! ଆପଣଙ୍କର ତ ବହୁତ ଧନଥିଲା, ତାକୁ ଭଲ କରେଇ ଦେଲେନି କାହିଁକି ? ଆପଣ ଯେବେ ସବୁ କରିପାରନ୍ତି, ତେବେ ଆପଣଙ୍କ ଆୟୁ ହଜାରେ ବର୍ଷ କରିଦିଅନ୍ତୁ ! ଆପଣ ଯେତେବେଳେ ରୋଗଶଯ୍ୟାରେ ବାର୍ଦ୍ଧକ୍ୟ ଅବସ୍ଥାରେ ଖଟିଆରେ ପଡ଼ିବେ, ସେତେବେଳେ କ'ଣ ଭଗବାନଙ୍କୁ ଦାୟୀ କରିବେ ?

ଏଇ କେଇପଦ କଥା ସାଧୁଙ୍କ ମୁଖରୁ ଶୁଣି, ଯେମିତି ତାଙ୍କ ଚତୁର ବୁଦ୍ଧିଜ୍ଞାନ ହଜିଗଲା ! ଆପଣା କୃତକର୍ମ ବିଷୟରେ ଭାବି ଚାଲିଥିଲେ। ସାଧୁ ବିଦାୟନେଇ ଚାଲିଯାଉଥିବା ବେଳେ, ସେ ତାଙ୍କ ଯିବା ପଥକୁ ପ୍ରଶ୍ନିଳ ଦୃଷ୍ଟିରେ ଅନାଇ ରହିଥିଲେ।


–ମଙ୍ଗରାଜପୁର, ପୁରୀ, ମୋ: ୭୦୦୮୧୮୮୮୪୭

## ପୁସ୍ତକ ସମୀକ୍ଷା

### ଭାରତୀୟ ଶ୍ରେଷ୍ଠ ଗଳ୍ପ

**ଅନୁସୃଜନ ଶରତ କୁମାର ରାଉତ**
**ପ୍ରକାଶକ– କାବ୍ୟଲୋକ**
**ଗ୍ୟାରେଜ ଛକ, ଲୁଇସରୋଡ, ଭୁବନେଶ୍ୱର–୨**
**ମୂଲ୍ୟ– ୩୦୦ଟଙ୍କା**

ପୁସ୍ତକରେ ୫୮ଟି ଗପ ସ୍ଥାନିତ ହୋଇଛି। ଯାହାକୁ ଅନୁବାଦ କରିଛନ୍ତି ଶରତ କୁମାର ରାଉତ। ମହାନ ଭାରତୀୟ କାଳଜୟୀ ଲେଖକମାନଙ୍କର ସଶକ୍ତ ଲେଖନୀରୁ ସୃଷ୍ଟି ଅଜସ୍ର କାହାଣୀଗୁଡିକ ମଧ୍ୟରୁ ଚୟନ କରାଯାଇ କେତେକ ଶ୍ରେଷ୍ଠ କାହାଣୀକୁ ଏଥିରେ ସ୍ଥାନିତ କରାଯାଇଛି। କାହାଣୀଗୁଡିକରେ କ୍ଷମା, ଶାନ୍ତି, ଧୈର୍ଯ୍ୟ, ଅକ୍ରୋଶ, ଆତ୍ମସଂଜମ, ପବିତ୍ରତା, ସଦାଚର, ଜାତୀୟ ସମ୍ମାନ, ରାଷ୍ଟ୍ରପ୍ରେମ, ଆତିଥ୍ୟ, ତ୍ୟାଗ, ଦାନଶୀଳତା, ପରୋପକାରିତା ଆଦି ଗୁଣଗୁଡ଼ିକୁ ଗୁରୁତ୍ୱ ଦିଆଯାଇଛି। ମଣିଷ ମନର ସୂକ୍ଷ୍ମ ଓ ଭାବନାତ୍ମକ ଚିତ୍ର ମଧ୍ୟ ଏଥିରେ ପରିପ୍ରକାଶ ହୋଇଛି। ଯୁବବର୍ଗଙ୍କ ସମେତ ପାଠକ ସମୂହଙ୍କ ପାଇଁ ଉଦ୍ଦିଷ୍ଟ ତଥା ସମକାଳୀନ ଅନୁଦିତ ସାହିତ୍ୟର ଏହି ପୁସ୍ତକରେ ଏପରି କାହାଣୀଗୁଡିକ ଚୟନ କରାଯାଇଛି ଯାହା ସାରା ଦେଶରେ ଆଦୃତି ଲାଭ କରିଛି। ପୁସ୍ତକର ଯେ କୌଣସି ଗଳ୍ପ ପାଠକଲେ ତାହା ନିଶ୍ଚୟ ନିଆରା ଲାଗିବ ଏଥିରେ ଦ୍ୱିମତ ନାହିଁ।



### ସୁବର୍ଣ୍ଣ ସହରରେ ଆତ୍ମକଥା

**ପ୍ରଫେସର ଡ. ଶିବଚରଣ ନାୟକ**
**ପ୍ରକାଶକ– ପକ୍ଷୀଘର ପ୍ରକାଶନୀ**
**ଭୁବନେଶ୍ୱର–୧**
**ମୂଲ୍ୟ– ୧୫୫ଟଙ୍କା**


ସୁବର୍ଣ୍ଣ ସହରରେ ଆତ୍ମକଥା ପ୍ରଫେସର ଡ. ଶିବଚରଣ ନାୟକଙ୍କ ପୁସ୍ତକ। ଏହାକୁ ୫ଟି ଅଧ୍ୟାୟରେ ବିଭକ୍ତ କରାଯାଇଛି। ଏହା ଲେଖକଙ୍କର ଦ୍ୱିତୀୟ ଆତ୍ମକାହାଣୀ ପୁସ୍ତକ। ଲେଖକ ଏକ୍ତୁଡିଶାଳରୁ ଉଚ୍ଚ ବିଦ୍ୟାଳୟ କଥା ପ୍ରଥମ ଅଧ୍ୟାୟରେ ବର୍ଣ୍ଣନା କରିଛନ୍ତି। ପରବର୍ତ୍ତୀ ସମୟରେ ସେ ସେଠାରୁ ଶିକ୍ଷା ସମାପ୍ତ କଲାପରେ ରେଭେନ୍ସା ମହାବିଦ୍ୟାଳୟରେ ଅଧ୍ୟୟନ କରି ତା'ପରେ ମାଡ୍ରାସ ବିଶ୍ୱବିଦ୍ୟାଳୟ ଯାଇ ମଧ୍ୟ ଉଚ୍ଚଶିକ୍ଷା ଲାଭ କରିଛନ୍ତି ବୋଲି ସେ ପୁସ୍ତକରେ ଉଲ୍ଲେଖ କରିଛନ୍ତି। ଏହାବାଦ୍ ରାଉରକେଲା ଚାକିରିଠାରୁ ଆରମ୍ଭ କରି କାଲିଫର୍ଣ୍ଣିଆରେ ଅତିଥି ଅଧ୍ୟାପକ ଥିବା କଥା ଏବଂ ସାନ୍ ଫ୍ରାନ୍ସିସ୍କୋକୁ ସୁବର୍ଣ୍ଣ ସହର ବୋଲି ମଧ୍ୟ ଉକ୍ତ ପୁସ୍ତକରେ ବର୍ଣ୍ଣନା କରିଛନ୍ତି। ପୁସ୍ତକରେ ମୃଷାଙ୍କ ସାଥୀ ବୋଲି ଆଉ ଏକ ଅଧ୍ୟାୟ ବି ରହିଛି ; ଯାହା ପାଠକଲେ ନିଶ୍ଚୟ ଜଣେ ପୁସ୍ତକର ଗୁରୁତ୍ୱ ଜାଣି ପାରିବ।



### ଆସବାବପତ୍ର ଓ ଅନ୍ୟାନ୍ୟ ଗଳ୍ପ


**ଡି.ଏଚ. ଲରେନ୍ସ**
**ଅନୁବାଦ: ଡ.ବିଜୟଲକ୍ଷ୍ମୀ ମହାନ୍ତି**
**ପ୍ରକାଶକ– ଏଥେନା ବୁକ୍ସ, ଭୁବନେଶ୍ୱର**
**ମୂଲ୍ୟ– ୩୫୦ଟଙ୍କା**

ଏଥିରେ ଲରେନ୍ସଙ୍କର ୧୧ଟି ଗଳ୍ପ ଅନୁବାଦ ହୋଇ ପ୍ରକାଶିତ ହୋଇଛି। ସେଗୁଡିକ ହେଲା ଆସବାବପତ୍ର, ଦ୍ୱିତୀୟ ଶ୍ରେଷ୍ଠତମ, ଗୋଲାପ ବଗିଚାରେ ଛାୟାମୂର୍ତ୍ତି, ତା ପାଳି, ଚନ୍ଦ୍ରମଲ୍ଲିକାର ବାସ୍ନା, ଅସୁସ୍ଥ କୋଇଲା ଖଣି ଶ୍ରମିକ, ଧର୍ମ ଯାଜକଙ୍କ ଝିଅ, ସ୍ମିତହାସ, ତମେ ମତେ ଛୁଇଁ ଥିଲ, ସାମସନ ଓ ଡିଲାଇଲା ଓ ଘୋଡା ସବାରର ଝିଅ ରହିଛି। ଲରେନ୍ସ ଇଂଲିଶ ସାହିତ୍ୟର ଜଣେ ପ୍ରତିଷ୍ଠିତ ପ୍ରତିଭା ସମ୍ପନ୍ନ ସାହିତ୍ୟିକ। ତାଙ୍କର ଗଦ୍ୟ ଶୈଳୀ ସାହିତ୍ୟ ଜଗତରେ ଏକ ସ୍ୱତନ୍ତ୍ରତା ବହନ କରେ। ଲରେନ୍ସଙ୍କ ଭାଷାକୁ ଓଡ଼ିଆ ଭାଷାରେ ଭାଷାନ୍ତର କରିବା କଷ୍ଟ ସାପେକ୍ଷ। ପୁସ୍ତକରେ ଯେଉଁ ଗପଗୁଡ଼ିକୁ ଅନୁବାଦିକା ଚୟନ କରିଛନ୍ତି ତାହା ଅତ୍ୟନ୍ତ ସୁଖପାଠ୍ୟ। ଏହାକୁ ପାଠକଲେ ନିଶ୍ଚୟ ଲରେନ୍ସଙ୍କୁ ବୁଝିବାରେ ସହଜ ହେବ। ଅନୁବାଦିକା ଯେଉଁ ଉଦ୍ୟମ କରିଛନ୍ତି ତାହା ପ୍ରଶଂସନୀୟ।



# ୨୪ ଘଣ୍ଟାରେ ୨୬୦୦୦ ବସ୍ ଉଠ୍

ପିଲାଦିନେ ସ୍କୁଲରେ ପାଠ ପଢି ନ ଥିଲେ ଦଣ୍ଡ ଆକାରରେ ସାର୍ କହୁଥିଲେ ବସ୍ ଉଠ୍ ହେବା ପାଇଁ। ୩୦ ଥର ବସ୍ ଉଠ୍ ହେଲା ବେଳକୁ ଅବସ୍ଥା ଖରାପ ହେଇ ଯାଉଥିଲା। ଆଜକାଲି ଜିମ୍‌ରେ ତ ଏହାକୁ ଏକ ଭଲ ବ୍ୟାୟାମ ଭାବେ କରାଯାଉଛି। ଏହାକୁ ଅଧିକ ଥର କରିବା ଭାରି କଷ୍ଟ। କାରଣ ବେଶି ବସ୍ ଉଠ୍ ହେଲେ



ଶ୍ୱାସକ୍ରିୟା ବଢିବା ସହ ଗୋଡ ଦରଜ ହେଇଯାଏ। ହେଲେ ଆମେରିକା, ଇଲିନଏସର ଟୋନି ପିରାଇନୋ ନାମକ ଜଣେ ବ୍ୟକ୍ତି ଏତେ ଥର ବସ୍ ଉଠ୍ ହେଇଛନ୍ତି ଯେ, ବିଶ୍ୱାସ କରିହେବନି ଜଣେ ବ୍ୟକ୍ତି ଏତେ ଥର ବସ୍ ଉଠ୍ ହେଇପାରିବେ ବୋଲି। ଟୋନି ୨୪ ଘଣ୍ଟାରେ ୨୬୦୦୦ରୁ ଉର୍ଦ୍ଧ୍ୱ ଥର ବସ୍ ଉଠ୍ ହୋଇ ଗିନିଜ ୱାର୍ଲଡ ରେକର୍ଡସ୍‌ରେ ସ୍ଥାନ ପାଇଛନ୍ତି। ଯଦିଓ ଟୋନି ମଝିରେ କିଛି ସେକେଣ୍ଡର ବ୍ରେକ୍ ନେଇ ଏନର୍ଜି ଡ୍ରିଙ୍କ ଓ ସ୍ନାକ୍ସ ଖାଉଥିଲେ। ତେବେ ବି ୨୪ ଘଣ୍ଟା ବସ୍ ଉଠ୍ ହେବା ଆଦୌ ସହଜ ନ ଥିଲା। ତାଙ୍କର ପୂର୍ବର ପ୍ରସ୍ତୁତି ତାଙ୍କୁ ଏଥିରେ ବହୁତ ସାହାଯ୍ୟ କରିଥିଲା। ସୂଚନାଯୋଗ୍ୟ ଯେ, ପୂର୍ବରୁ ଜୋ ରେବେର୍ଡସ ନାମକ ବ୍ୟକ୍ତି ୨୫୦୦୦ ଥର ବସ୍ ଉଠ୍ ହେଇ ଏହି ରେକର୍ଡ କରିଥିଲେ।



# ଅଜବ ବାଇକ

ସାଧାରଣ ବାଇକ୍‌ଠୁ ଏହି ବାଇକ୍ ଦେଖିବାକୁ ସମ୍ପୂର୍ଣ୍ଣ ଅଲଗା। ଲାଗେ ବେଶ୍ ବିଚିତ୍ର। ଏହାର ମଝିଅଂଶ ଭୂମିକୁ ସମାନ୍ତରାଳଭାବେ ସ୍ପର୍ଶ କରି ରହିଥାଏ। ତେଣୁ ଲାଗେ ଏହା ଚଲାଇବା ଉପଯୋଗୀ ହୋଇ ନ ଥିବ। କିନ୍ତୁ ଏହା ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ। ଚକ୍‌ମକ୍ କରୁଥିବା ସୁବର୍ଣ୍ଣ ରଙ୍ଗର ଏହି ବାଇକରେ ନାହିଁ ସାଇଡ୍ ଷ୍ଟାଣ୍ଡ, ଅଛି ଏୟାର ସସ୍ପେନସନ୍ ସିଷ୍ଟମ ଯାହାଦ୍ୱାରା ପାର୍କି କଲାବେଳେ ବାଇକ ଏକ କଷ୍ଟମ ଫ୍ରେମ ଉପରେ ରହେ। ବାଇକ୍ ଗତି କଲାବେଳେ ଏହି ଏୟାର ସସ୍ପେନସନ୍ ସିଷ୍ଟମ ବାଇକ୍‌କୁ ୧୦ ଇଞ୍ଚ ଉପରକୁ ଟେକି ଦିଏ। ଫଳରେ ବାଇକ ଆରାମରେ ଗତି କରିପାରେ। ଏହାର ଆଗଚକ ବଡ଼ ହୋଇଥିବାବେଳେ ପଛ ଚକ ଛୋଟ ଓ ମୋଟା। ଏହାର ସୁବର୍ଣ୍ଣ କଲରଟି ସାମାନ୍ୟ ରଙ୍ଗ ନୁହେଁ ବରଂ ୨୪ କ୍ୟାରେଟ୍ ସୁନା ଅଟେ। ଏହି ବାଇକ୍‌ର ମୂଲ୍ୟ ହେଉଛି ୩ ମିଲିୟନ ଡଲାର। ଏହାକୁ ପୃଥିବୀର ଦାମୀ ବାଇକ୍ ଭିତରେ ବି ଗଣନା କରାଯାଏ।

ବ୍ୟାକ୍ ପେଜ୍





# ସ୍ୱପ୍ନର ବାସ୍ତବ ରୂପ

ଶୋଇବାବେଳେ ମଣିଷ ଦେଖେ ନାନା ପ୍ରକାରର ସ୍ୱପ୍ନ। ବେଳେବେଳେ ଏଇ ସ୍ୱପ୍ନ ଏତେ ବିଚିତ୍ର ଓ ଆକର୍ଷକ ହୋଇଥାଏ ଯେ, ଇଚ୍ଛା ହୁଏ ବାସ୍ତବ ଜୀବନରେ ଏମିତି କିଛି ହୁଅନ୍ତା କି। କିନ୍ତୁ ଆଖି ଖୋଲିବା ମାତ୍ରେ ସେଇ ସ୍ୱପ୍ନ କେଉଁଆଡେ ମିଳେଇ ଯାଏ। ସେହି ଅଜବ ଦୁନିଆର ଦୃଶ୍ୟ ଧୀରେ ଧୀରେ ମାନସପଟ୍ଟରୁ ଉଭାନ୍ ବି ହୋଇଯାଏ। ତେବେ ବତ୍ସଲ କଟାରିଆ ନାମକ ଜଣେ ଭାରତୀୟ ଫଟୋଗ୍ରାଫର ସ୍ୱପ୍ନରେ ଦେଖୁଥିବା ବିଚିତ୍ର ଦୃଶ୍ୟକୁ ଏମିତି ମାନସପଟରୁ ଉଭେଇ ଯିବାକୁ ଚାହିଁ ନ ଥିଲେ। ବରଂ ସ୍ୱପ୍ନରେ ଦେଖୁଥିବା ସେହି ରହସ୍ୟମୟ ଦୃଶ୍ୟଗୁଡିକର କ୍ଷୁଦ୍ର କଳାକୃତୀ କରି ତାକୁ ଜୀବନ୍ତ ରୂପ ଦେବାକୁ ଲାଗିଲେ। ତେବେ ସ୍ୱପ୍ନକୁ ବାସ୍ତବ ରୂପ ଦେବା ଏତେଟା ସହଜ ନ ନୁହେଁ। ତେଣୁ ଗୋଟିଏ ଗୋଟିଏ କଳାକୃତୀ କରିବାକୁ ତାଙ୍କୁ ୨ ମାସ ସମୟ ଲାଗିଥାଏ। ତା'ପରେ ସେ ସେଗୁଡିକର ସୁନ୍ଦର ଫଟୋ ଉତ୍ତୋଳନ କରନ୍ତି। ଆଉ ଏମିତି ଫଟୋ ଉତ୍ତୋଳନ କରନ୍ତି ଯେମିତିକି ସେହି କ୍ଷୁଦ୍ର ନମୁନା ବା ମିନିଏଚରଗୁଡିକ ସ୍ୱପ୍ନପୁରୀର ଭ୍ରମ ସୃଷ୍ଟି କରିବ।